ବର୍ଷ-୨୪, ସଂଖ୍ୟା-୨୫୩
ଭୁବନେଶ୍ୱର
୧୬ ଅକ୍ଟୋବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 253
Bhubaneswar
16 October, 2024 Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ପାଇଁ ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି ଭାରତୀୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ମହାରାଷ୍ଟ୍ରର ୨୮୮ଟି ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ଲୋକମାନେ ନଭେମ୍ବର ୨୦ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନଭେମ୍ବର ୨୩ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ। ଏଥିପାଇଁ ୨୨ ଅକ୍ଟୋବରରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲ ପ୍ରକ୍ରିୟା ଅକ୍ଟୋବର ୨୯ ଯାଏ ଚାଲିବ। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଆଜି ତାରିଖ ଘୋଷଣା କରିବା କ୍ଷଣି ମହାରାଷ୍ଟ୍ର ଓ ଝାରଖଣ୍ଡରେ ନିର୍ବାଚନ ଆଚରଣବିଧି ଲାଗୁ ହେଇଛି।

୧,୦୦,୧୮୬ ପୋଲିଂ ଷ୍ଟେସନ ହେବ। ୯ କୋଟିରୁ ଅଧିକ ଲୋକ ଏଠାରେ ମତାଧିକାର ସାବ୍ୟସ୍ତ କରିବେ। ଏହି ପୋଲିଂ ଷ୍ଟେସନଗୁଡ଼ିକ ମୋଟ ୫୨,୭୮୬ଟି ସ୍ଥାନରେ ତିଆରି କରାଯିବ। ଗ୍ରାମାଞ୍ଚଳରେ ୫୭,୫୮୨ ଓ ସହରାଞ୍ଚଳରେ ୪୨,୬୦୪ଟି ପୋଲିଂ ବୁଥ କରାଯିବ।

ଝାଡ଼ଖଣ୍ଡର ୮୧ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ଭୋଟିଂ ନଭେମ୍ବର ୧୩ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ନଭେମ୍ବର ୨୦ ରେ ଅନୁଷ୍ଠିତ ହେବ। ନଭେମ୍ବର ୨୩ରେ ରେଜଲ୍ଟ ବାହାରିବ। ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ୨୫ ତାରିଖ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୨୯ ରହିଛି। ଝାଡ଼ଖଣ୍ଡର ପଞ୍ଜିକୃତ ଭୋଟରଙ୍କ ସଂଖ୍ୟା ୨.୬ କୋଟି। ଏମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧.୩୧ କୋଟି ଓ ମହିଳା ଭୋଟରଙ୍କ ସଂଖ୍ୟା ୧.୨୯ କୋଟି। ପ୍ରଥମଥର ଭୋଟ ଦେବାକୁ ଥିବା ଭୋଟରଙ୍କ ସଂଖ୍ୟା ୧୧.୮୪ ଲକ୍ଷ। ମହାରାଷ୍ଟ୍ର ବିଧାନସଭାରେ ମୋଟ ୨୮୮ ଆସନ ଥିବା ବେଳେ ଏଠାରେ ବହୁମତ ସଂଖ୍ୟା ୧୪୫। ମହାରାଷ୍ଟ୍ରରେ ମୋଟ ୧ ଲକ୍ଷ ୧୮୬ ପୋଲିଂ ବୁଥ୍ କରାଯିବ। ମୋଟ ୯.୬୩ କୋଟି ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ମହାରାଷ୍ଟ୍ରରେ ନଭେମ୍ବର ୨୬ ଓ ଝାଡ଼ଖଣ୍ଡରେ ଜାନୁଆରୀ ୫ରେ ସରକାରଙ୍କ କାର୍ଯ୍ୟକାଳ ଶେଷ ହେବ। ମୁଖ୍ୟ ନିର୍ବାଚନ କମିଶନର ତାରିଖ ଘୋଷଣା ବେଳେ ହରିୟାଣା ଏବଂ ଜାମ୍ମୁ କାଶ୍ମୀର ମତଦାତାଙ୍କୁ ନିର୍ବାଚନରେ ସଶକ୍ତ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ଜନତା ଗଣତନ୍ତ୍ରର ଉତ୍ସବକୁ ଐତିହାସିକ କରିଛନ୍ତି ।

ଏହାସହ ନିର୍ବାଚନ ଆୟୋଗ ୪୮ଟି ବିଧାନସଭା ଏବଂ ଦୁଇଟି ଲୋକସଭା କ୍ଷେତ୍ରରେ ଉପନିର୍ବାଚନ ପାଇଁ ମଧ୍ୟ ତାରିଖ ଘୋଷଣା କରିଛନ୍ତି । ୪୭ଟି ବିଧାନସଭା ଏବଂ କେରଳ ୱାୟନାଡ ଲୋକସଭା ପାଇଁ ନଭେମ୍ବର ୧୩ରେ ଭୋଟ ଗ୍ରହଣ ହେବ। ସେହିପରି ଉତ୍ତରାଖଣ୍ଡର ଗୋଟିଏ ବିଧାନସଭା ଆସନ ଏବଂ ମହାରାଷ୍ଟ୍ରର ଗୋଟିଏ ଲୋକସଭା ଆସନ ପାଇଁ ନଭେମ୍ବର ୨୦ରେ ମତଦାନ ହେବ। ନଭେମ୍ବର ୨୩ରେ ଫଳାଫଳ ଘୋଷଣା କରାଯିବ।

ଏବେ ମହାରାଷ୍ଟ୍ରରେ ବିଜେପି-ଶିବସେନା-ଏନସିପି ସରକାର ରହିଛନ୍ତି। ବାସ୍ତବରେ ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଉଦ୍ଧବ ଠାକରେଙ୍କ ଅବିଭାଜିତ ଶିବସେନା, କଂଗ୍ରେସ ଓ ଶରଦ ପାୱାରଙ୍କ ଅବିଭାଜିତ ଏନସିପି ରାଜ୍ୟରେ ସରକାର ଗଠନ କରିଥିଲେ।କିନ୍ତୁ ଶିବସେନା ନେତା ଏକନାଥ ସିନ୍ଦେ ବିଦ୍ରୋହ କରିବାରୁ ଉଦ୍ଧବ ଠାକରେଙ୍କ ସରକାର ଭୁଶୁଡ଼ି ପଡ଼ିଥିଲା। ପରବର୍ତ୍ତୀ ଅବସ୍ଥାରେ ଶିବସେନା ମଧ୍ୟ ଦୁଇ ଭାଗ ହୋଇଥିଲା। ଏହାର କିଛି ମାସ ପରେ ଏନସିପିର ଅଜିତ ପାୱାର ମଧ୍ୟ ଶରଦ ପାୱାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ।ସେ ବିଜେପି ସହ ହାତ ମିଳାଇବାରୁ ଏନସିପି ମଧ୍ୟ ଦୁଇ ଭାଗ ହୋଇ ଯାଇଥିଲା। ଏଥର ନିର୍ବାଚନରେ ଉଦ୍ଧବ, କଂଗ୍ରେସ ଓ ଶରଦ ପାୱାର ଏକାଠି ଲଢ଼ିବେ। ୨୦୧୯ରେ ବିଜେପି ୧୦୫, କଂଗ୍ରେସ ୪୪, ଶିବସେନା ୫୬, ଏନସିପି ୫୪ ଓ ଅନ୍ୟାନ୍ୟ ଦଳ ୨୯ଟି ଆସନରେ ବାଜିମାତ କରିଥିଲେ। ଅନ୍ୟପକ୍ଷରେ ଏବେ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ଜେଏମଏମ ଓ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଛନ୍ତି। ହେମନ୍ତ ସୋରେନଙ୍କ ସରକାରକୁ ଗାଦିଚ୍ୟୁତ କରିବାକୁ ବିଜେପି ଜୋରଦାର ଢଙ୍ଗରେ ଉଦ୍ୟମ ଜାରି ରଖିଛି। ୨୦୧୯ରେ ଝାରଖଣ୍ଡରେ ଜେଏମଏମ ୩୯ଟି, ବିଜେପି ୨୫ଟି, କଂଗ୍ରେସ ୧୬ ଓ ଅନ୍ୟାନ୍ୟ ଦଳ ୧୦ଟି ଆସନ ଜିତିଥିଲେ।

ମୟୂରଭଞ୍ଜ, ପୁରୀ ଓ ଭୁବନେଶ୍ୱର କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୫।୧୦(ମହାଭାରତ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ ତାରିଖରେ ୩ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ମୟୂରଭଞ୍ଜରେ ନିଜ ଗାଁ ସ୍ଥିତ ଘରକୁ ଯାଇ ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ ଓ ରାତ୍ରିଯାପନ କରିବା ସହ ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟ ସଚିବ ମନୋଜ ଆହୁଜା ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଏହି ବୈଠକରେ ରାଜ୍ୟ ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜିଲ୍ଲାପାଳ ଖୋର୍ଦ୍ଧା ଯୋଗଦେଇଥିବା ବେଳେ ଜିଲ୍ଲାପାଳ, ମୟୂରଭଞ୍ଜ ଏବଂ ଜିଲ୍ଲାପାଳ, ପୁରୀ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗଦେଇ ପ୍ରସ୍ତୁତି ସଂପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଚଳିତମାସ ୨୩ ତାରିଖରେ ପଶ୍ଚିମବଙ୍ଗ କଲେଇକୁଣ୍ଡା ବିମାନ ବନ୍ଦରରୁ ଭାରତୀୟ ବାୟୁସେନା ବିମାନରେ ଆସି ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷିସ୍ଥିତ ହେଲିପ୍ୟାଡ଼ରେ ସକାଳ ୯ଟା ୫୫ମିନିଟରେ ପହଂଚିବେ ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ବିଭିନ୍ନ ରେଳ ଲାଇନ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଭର୍ଚୁଆଲ ମୋଡରେ ରାଇରଙ୍ଗପୁରଠାରେ ଆଦିବାସୀ ଗବେଷଣା କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟ ପ୍ରକଳ୍ପର ଶିଳାନ୍ୟାସ କରିବେ।

ବାଙ୍ଗିରିପୋଷିରେ କାର୍ଯ୍ୟକ୍ରମ ସରିବା ପରେ ସେହିଦିନ ମଧ୍ୟାହ୍ନ ୧୨ଟାରେ ରଙ୍ଗମାଟିଆ। ହେଲିପ୍ୟାଡରେ ଓହ୍ଲାଇ ନିକଟସ୍ଥ ଉପରବେଡ଼ା। ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବେ ଦିନ ୧ଟା ୧୦ରୁ ୧ଟା ୪୦ମିନିଟ୍ ମଧ୍ୟରେ ଉପରବେଡ଼ାସ୍ଥିତ ନିଜ ଘରେ ରହି ଗାଁ ଲୋକଙ୍କ ସହ ଆଲୋଚନା କରିବେ। ରାଇରଙ୍ଗପୁରରେ ମଧ୍ୟାହ୍ନଭୋଜନ ପରେ ସ୍ଥାନୀୟ ଉପଖଣ୍ଡ ମେଡିକାଲରେ ଏଏଲଏସ୍ ଟ୍ରଷ୍ଟ ପକ୍ଷରୁ ପ୍ରଦତ୍ତ ଆମ୍ବୁଲାନ୍ସକୁ ପତାକା ଦେଖାଇ ଲୋକାର୍ପଣ କରିବେ। ପରେ ସ୍ଥାନୀୟ ମହିଳା କଲେଜକୁ ଗସ୍ତ କରି ଅଧ୍ୟାପିକା ଓ ଛାତ୍ରୀମାନଙ୍କ ସହ ଭାବବିନିମୟ କରିବେ। ସନ୍ଧ୍ୟାରେ ରାଇରଙ୍ଗପୁରସ୍ଥିତ ପୁଣ୍ୟେଶ୍ୱର ମହାଦେବ ମନ୍ଦିରର ନବନିର୍ମିତ ଗଣେଶ ମୂର୍ତ୍ତି ଅନାବରଣ କରିବା ପରେ ରାଇରଙ୍ଗପୁରରେ ରାତିଯାପନ କରିବେ।

୨୪ତାରିଖ ସକାଳୁ ବାୟୁସେନା ବିମାନରେ ପୁରୀ ଅଭିମୁଖେ ଗସ୍ତ କରି ୧୦ଟା ୪୫ମିନିଟରେ ତାଳବଣିଆ

ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ହରିୟାଣା, ମହାରାଷ୍ଟ୍ର ଗସ୍ତ

ଭୁବନେଶ୍ୱର,୧୫।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଠାରୁ ହରିଆଣା ଓ ମୁମ୍ବାଇ ଗସ୍ତରେ ଯିବେ। ଏହି ଅବସରରେ ମୁମ୍ବାଇରେ ନିବେଶକ ସମ୍ମିଳନୀ ଓ ରୋଡ୍ ସୋରେ ଯୋଗଦେବେ ମୁଖ୍ୟମନ୍ତ୍ରୀ।

୧୬ ତାରିଖ ଅପରାହ୍ନରେ ସେ ହରିଆଣା ଅଭିମୁଖେ ଗସ୍ତ କରି ୧୭ ତାରିଖ ଦିନ ଚଣ୍ଡିଗଡ ଠାରେ ନବ ଗଠିତ ହରିଆନା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ସେଦିନ ଅପରାହ୍ନରେ ଚଣ୍ଡିଗଡ ଠାରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବେ।

ଚଣ୍ଡିଗଡ ପରେ ମୁଖ୍ୟମନ୍ତ୍ରୀ ମୁମ୍ବାଇ ଗସ୍ତରେ ଯାଇ ୧୮ ତାରିଖ ଦିନ ଭାରତୀୟ ରସାୟନିକ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସମ୍ଭାବନା ସମ୍ବନ୍ଧିତ ଏକ ସମ୍ମିଳନୀରେ ଯୋଗ ଦେବେ। ୧୮ ତାରିଖ ଅପରାହ୍ନରେ ଓ ୧୯ ତାରିଖ ସକାଳେ ସେ ମୁମ୍ବାଇର ଏକ ହୋଟେଲରେ ଆଗାମୀ ମେକ୍ ଇନ୍ ଓଡ଼ିଶା ପାଇଁ ନିବେଶକ ସମ୍ମିଳନୀରେ ଯୋଗଦେବେ ୧୯ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଆସିବେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ୨ ଦିନିଆ ନିବେଶକ ସମ୍ମିଳନୀ ନେଇ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ନିବେଶକ ସମ୍ମିଳନୀ ଓ ରୋଡ୍ ସୋରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ରାଜ୍ୟର ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେବେ। ରାଜ୍ୟରେ ଶିଳ୍ପାୟନ ଲାଗି ଦିଲ୍ଲୀ ପରେ ମୁମ୍ବାଇରେ ନିବେଶକ ଓ ପୁଞ୍ଜି ନିବେଶକଙ୍କ ସହ ରାଜ୍ୟ ସରକାର ଆଲୋଚନା କରିବେ। ଏଥିସହିତ ୧୮ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଇଣ୍ଡିଆ କେମ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମିଲ ହେବେ, ଯାହାକୁ କି କେନ୍ଦ୍ର ରସାୟନ ମନ୍ତ୍ରୀ ଜେପି ନଡ୍ଡା ଉଦଘାଟନ କରିବେ ପାରାଦୀପ, ଗୋପାଳପୁର ଓ ଧାମରାକୁ କେମିକାଲ ଶିଳ୍ପ ଆସିବାର ସମ୍ଭାବନା ରହିଛି। ରାଜ୍ୟ ସରକାର ୧୯ ତାରିଖରେ ୩୦୦ରୁ ଅଧିକ ନିବେଶକଙ୍କ ସହ ଆଲୋଚନା କରିବେ।

ଇସଲାମାବାଦରେ ଜୟଶଙ୍କର

ନୂଆଦିଲ୍ଲୀ,୧୫।୧୦: ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ସଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗ ହେବା ପାଇଁ ମଙ୍ଗଳବାର ପାକିସ୍ତାନ ପହଞ୍ଚିଛନ୍ତି। ରାଓ୍ୱଲପିଣ୍ଡିରେ ପହଞ୍ଚିବା ପରେ ପାକିସ୍ତାନର ବରିଷ୍ଠ ଅଧିକାରୀମାନେ ନୁର ଖାନ ଏୟରବେସରେ ତାଙ୍କୁ ସ୍ୱାଗତ କରିଥିଲେ। ଜୟଶଙ୍କର ଏସସିଓ ସଦସ୍ୟ ଦେଶଙ୍କ ପ୍ରତିନିଧିଙ୍କ ସ୍ୱାଗତ ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ସଶବାଦ ସରିଫଙ୍କ ଦ୍ୱାରା ଆୟୋଜିତ ଭୋଜିରେ ସାମିଲ ହୋଇପାରନ୍ତି । ଅକ୍ଟୋବର ୧୬ରେ ହେବାକୁ ଥିବା ଏସସିଓ ଶିଖର ସମ୍ମିଳନୀରେ ସାମିଲ ହେବା ପାଇଁ ପକିସ୍ତାନ ଗସ୍ତରେ ଥିବା ଜୟଶଙ୍କର ସେଠାରେ ୨୪ ଘଣ୍ଟାରୁ କମ ସମୟ ବିତାଇବେ। ଜୟଶଙ୍କର ଏହି ଗସ୍ତ ଏଭଳି ସମୟରେ ହୋଇଛି, ଯେତେବେଳେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଭଲ ନାହିଁ। ୨୦୧୯ ଫେବ୍ରୁଆରୀରେ ପୁଲୱାମା ଆକ୍ରମଣ ଏବଂ ଏହାପରେ ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ପରଠୁ ଦୁଇ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି ।

ତେଜୁଛି ଭାରତ-କାନାଡା ବିବାଦ

ନୂଆଦିଲ୍ଲୀ,୧୫।୧୦: କିଛି ମାସ ଧରି ଶାନ୍ତ ରହିବା ପରେ ପୁଣି ଥରେ ଭାରତ-କାନାଡା ସରକାର ମଧ୍ୟରେ ବିବାଦ ବୃଦ୍ଧି ପାଇଛି। କାନାଡାର ଅବସ୍ଥାପିତ ଭାରତୀୟ ହାଇକମିଶନର ଫେରାଇ ଆଣିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଭାରତ ସରକାରଙ୍କ ଏଭଳି ନିଷ୍ପତ୍ତି ପରେ କାନାଡା ପୁଲିସ ଗୁରୁତର ଅଭିଯୋଗ କରି କହିଛି ଯେ, ଲରେନ୍ସ ବିଷ୍ଣୋଇ ସହ ମିଶି ଭାରତୀୟ ଏଜେଣ୍ଟକାମ କରୁଛନ୍ତି। ଭାରତ ସରକାରଙ୍କ ଏଜେଣ୍ଟମାନେ କାନାଡାରେ ଆତଙ୍କ ବିସ୍ତାର କରିବା ପାଇଁ ଲରେନ୍ସ ବିଷ୍ଣୋଇ ସହ ମିଶି କାମ କରୁଥିବା ଆର୍‌ସିଏମ୍‌ପି ତଥା ରୟାଲ କନେଡିୟନ୍ ମାଉଣ୍ଟେଡ୍ ପୁଲିସ ଅଭିଯୋଗ କରିଛି। ଏଭଳି ଦୁଇ ଦେଶର ସଂପର୍କକୁ ଆହୁରି ଖରାପ କରିବ।

କାନାଡା ସରକାର ରବିବାର କହିଥିଲେ, ଖଲିସ୍ତାନୀ ଲିଡର ନିଜ୍ଜର ହତ୍ୟା ମାମଲାରେ ଭାରତୀୟ ହାଇକମିଶନ ଏବଂ ଅନ୍ୟ କୂଟନୀତିଜ୍ଞଙ୍କ ଉପରେ ସନ୍ଦେହ ରହିଛି। କାନାଡା ସରକାର ଏହି ହତ୍ୟା ଘଟଣାରେ ଭାରତୀୟ ହାଇକମିଶନ ଏବଂ କୂଟନୀତିଜ୍ଞଙ୍କୁ ଦାୟୀ କରୁଛି। ହେଲେ ଭାରତ ସରକାର ସୋମବାର କାନାଡାକୁ କଡ଼ା ଜବାବ ଦେଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଟ୍ରୁଡୋ ସରକାର ବିନା କୌଣସି ପ୍ରମାଣରେ ଲଗାତାର ଭିତ୍ତିହୀନ ଅଭିଯୋଗ ଆଣୁଛି। ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ରାଜନୈତିକ ଏଜେଣ୍ଡା ଚଳାଇବା ପାଇଁ ଏହିପରି ଭିତ୍ତିହୀନ ଅଭିଯୋଗ ଆଣି ଭାରତର ଛବି ଖରାପ କରିବା ପାଇଁ ଉଦ୍ୟମ କରୁଛନ୍ତି। ଭାରତ ସରକାର କହିଛନ୍ତି ଯେ ଟ୍ରୁଡୋ ସରକାରଙ୍କ ଏହି ଏଜେଣ୍ଡା ଭୋଟ୍ ବ୍ୟାଙ୍କ ରାଜନୀତିକୁ ପ୍ରେରିତ ଅଟେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ

ଜାରି ବୟାନରେ କୁହାଯାଇଛି, ୨୦୨୩ ସେପ୍ଟେମ୍ବରରେ ଟ୍ରୁଡୋଙ୍କ ଦ୍ୱାରା ଭିତ୍ତିହୀନ ଅଭିଯୋଗ କରାଯିବା ପରଠୁ କାନାଡା ସରକାର ଗୋଟିଏ ବି ପ୍ରମାଣ ଦେଇ ନାହିଁ । ଅନ୍ୟପଟେ ଭାରତ ସରକାର ଅନେକ ଥର ଏହି ମାମଲାରେ ପ୍ରମାଣ ମାଗି ସାରିଛି। ଏମ୍‌ଇଏ ସନ୍ଦେହ ପ୍ରକାଶ କରିଛି ଯେ ନିଜ୍ଜର ହତ୍ୟାକାଣ୍ଡର ତଦନ୍ତ ଜଟିଆରେ ଭାରତର ଛବିକୁ ଖରାପ କରି ରାଜନୈତିକ ଲାଭ ହସାଲ ପାଇଁ ଉଦ୍ୟମ କରାଯାଉଛି। ଗତବର୍ଷ ଖଲିସ୍ତାନ ଟାଇଗର ଫୋର୍ସର ନେତା ତଥା କୁଖ୍ୟାତ ଖଲିସ୍ତାନୀ ଉଗ୍ରବାଦୀ ହରଦୀପ ସିଂ ନିଜ୍ଜରଙ୍କୁ ଗତ ଜୁନ ୧୮ ତାରିଖରେ କାନାଡାରେ ହତ୍ୟା କରାଯାଇଥିଲା। ଏହାକୁ ନେଇ କାନାଡାରେ ବିଦ୍ରୋହ ଦେଖିବାକୁ ମିଳିଥିଲା। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ହତ୍ୟା ଘଟଣାକୁ ନେଇ ଆଣିଥିଲେ ସାଙ୍ଘାତିକ ଅଭିଯୋଗ। ଖଲିସ୍ତାନୀ ସମର୍ଥକ ହରଦୀପ ସିଂଙ୍କୁ ନିଜ ଦେଶର ନାଗରିକ ବୋଲି ସମ୍ବୋଧନ କରି ତାର ହତ୍ୟାକାଣ୍ଡ ଲାଗି ଭାରତ ସରକାରଙ୍କ ଏଜେଣ୍ଟକୁ ଦାୟୀ କରିଥିଲେ । ଭାରତରେ ଘୃଣା ତଥା ବିଶୃଙ୍ଖଳିତ ପରିବେଶ ସୃଷ୍ଟି କରୁଥିବା ଖଲିସ୍ତାନୀଙ୍କ ଟିପ୍ପଣୀକୁ ମଧ୍ୟ ଟ୍ରୁଡୋ ସମର୍ଥନ କରିଥିଲେ। ଏଥିଲାଗି ଭାରତ ସରକାର ତଦନ୍ତରେ ସହଯୋଗ କରିବାକୁ ମଧ୍ୟ ଅପିଲ୍ କରିଥିଲେ। ହେଲେ ସବୁଠୁ ଖାସ କଥା ହେଉଛି ଭାରତ ବିରୋଧରେ ଏଭଳି ଗମ୍ଭୀର ଅଭିଯୋଗ ଆଣିଥିଲେ ସୁଦ୍ଧା ତଥ୍ୟ ପ୍ରମାଣ ଦେଇପାରିନଥିଲା କାନାଡା। ସେପଟେ ପଳାତକ ନିଜ୍ଜର ବିରୋଧରେ ଭାରତରେ ଏକ ଡଜନରୁ ଅଧିକ ହତ୍ୟା ଏବଂ ଆତଙ୍କବାଦ ମାମଲା ରହିଛି। ସେ ଏକ ନକଲି ପାସପୋର୍ଟରେ କାନାଡା ଯାଇଥିଲା ଏବଂ ୨୦୧୪ ପରଠାରୁ ଇଣ୍ଟରପୋଲ ରେଡ ନୋଟିସରେ ରହିଥିଲା। ଭାରତ ହରଦୀପ ସିଂର ଅପରାଧିକ କାର୍ଯ୍ୟକଳାପର ତଥ୍ୟ କାନାଡାକୁ ଦେଇଥିବା ବେଳେ ତାକୁ ଗିରଫ କରିବାକୁ ଦାବି ମଧ୍ୟ କରିଥିଲା। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା କାନାଡା ସରକାର।

ଇରାନକୁ ସମର୍ଥନ ଦେଲା ଚୀନ

ନୂଆଦିଲ୍ଲୀ,୧୫।୧୦: ଇସ୍ରାଏଲ୍ ଆକ୍ରମଣର ଜବାବ ଦେବାକୁ ପ୍ରସ୍ତୁତ ଇରାନ ଏଭଳି ପରିସ୍ଥିତିରେ ଇରାନର ଖାସ୍ ବନ୍ଧୁ ଋଷ ଖୋଲାଖୋଲି ଭାବେ ସମର୍ଥନ କରିଛି। ଏଭଳି ସ୍ଥିତିରେ ଇରାନକୁ ଏହାର ସ୍ୱତନ୍ତ୍ର ବାୟୁ ପ୍ରତିରକ୍ଷା ସିଷ୍ଟମ ଏସ-୪୦୦ ଦେଇଛି ଋଷ। କିନ୍ତୁ ଯଦି ଯୁଦ୍ଧ ପରିସ୍ଥିତି ଉପୁଜେ ତେବେ ଇରାନର ବନ୍ଧୁ ଚୀନ୍ ମଧ୍ୟ ଏହାର ନେତୃତ୍ୱ ନେବ। ଇରାନର ଏକ ଖାସ୍ ବନ୍ଧୁ ଚୀନ୍ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଶତ୍ରୁ ବିରୁଦ୍ଧରେ ଆଗେଇ ଆସିଛି ।

ଇରାନରେ ବ୍ୟବହୃତ ଚୀନର ଅସ୍ତ୍ରଗୁଡିକ ଲେଜର ଦ୍ୱାରା ପରିଚାଳିତ ହୋଇଥାଏ। ତାହା ହେଉଛି, ଲେଜର ଟେକ୍ନୋଲୋଜି ମାଧ୍ୟମରେ ଶତ୍ରୁର ମିଶାଇଲକୁ ସଠିକ୍ ଭାବରେ ଟାର୍ଗେଟ୍ କରିବା ଏହା କିଛି ସେକେଣ୍ଡ

ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି, କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା, କଞ୍ଚା, ଲଙ୍କା, ଲୁଣ, ଚିନି, ଲେମ୍ବୁ ରସ, ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ, ଅଦା, କଞ୍ଚା ଲଙ୍କା, ଲୁଣ ଚିନି, ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ, ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା, କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।

ଖବର

'ଦୋ ପତ୍ତି' ଟ୍ରେଲର: ଦୁଇ ଭଉଣୀଙ୍କ ମହାଭାରତରେ ଫସିଛନ୍ତି କାଜୋଲ

କାଜୋଲ ଓ କୃତି ସାନୋନ୍ ଅଭିନୀତ ଚଳଚ୍ଚିତ୍ର 'ଦୋ ପତ୍ତି'ର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏଥିରେ କୃତି ଦ୍ୱୈତ ଭୂମିକାରେ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିଛନ୍ତି 'ହସିନ୍ ଦିଲ୍ରୁବା' ଭଳି ଥ୍ରୀଲର ଚଳଚ୍ଚିତ୍ର ନିର୍ମାଣ କରିଥିବା କନିକା ଢିଲୋଁ। ସେ ଏହି ଚଳଚ୍ଚିତ୍ରର କାହାଣୀର ଚନା କରିଛନ୍ତି। 'ଦୋ ପତ୍ତି' ଚଳଚ୍ଚିତ୍ର କୃତି ସାନୋନ୍‌ଙ୍କ ପାଇଁ ବେଶ୍ ଖାସ୍। ପ୍ରଥମତଃ ତାଙ୍କର ଏହି ଚଳଚ୍ଚିତ୍ରରେ ଦ୍ୱୈତ ଭୂମିକା ରହିଛି, ଦ୍ୱିତୀୟତଃ ଏହା ମାଧ୍ୟମରେ ସେ ନିର୍ମାତା ଭାବରେ ଇଣ୍ଡଷ୍ଟ୍ରିରେ ପାଦ ଥାପିବାକୁ ଯାଉଛନ୍ତି। କୃତିଙ୍କ ହୋମ୍ ପ୍ରଡକ୍ସନ 'ବ୍ଲୁ ବଟରଫ୍ଲାଇ ଫିଲ୍ମ'ର ପ୍ରଥମ ଚଳଚ୍ଚିତ୍ର ହେଉଛି 'ଦୋ ପତ୍ତି'। ଶଶାଙ୍କ ଚତୁର୍ବେଦୀ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଅକ୍ଟୋବର ୨୫ରେ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବ।ଫିଲ୍ମରେ କାଜୋଲ ପୁଲିସ ଇନ୍ସପେକ୍ଟର ଭୂମିକାରେ ଅଭିନୟ କରିଛନ୍ତି। ଟ୍ରେଲରରେ ତାଙ୍କୁ ହାତରେ ବନ୍ଧୁକ ଧରି ଖାକି ପୋଷାକରେ ଦେଖିବାକୁ ମିଳିଛି। କୃତି ଯାଆଁଳା ଭଉଣୀ ଭୂମିକାରେ ଅବତୀର୍ଣ୍ଣ। ଏଥିସହ ଅଭିନେତା ଶହୀର ଶେଖ୍‌ଙ୍କୁ ମଧ୍ୟ ଟ୍ରେଲରରେ ଦେଖିବାକୁ ମିଳିଛି। ସସ୍ପେନ୍ସ ଓ ଥ୍ରୀଲରରେ ଭରପୁର ଏହି ଚଳଚ୍ଚିତ୍ରରେ କାଜୋଲ ଚମତ୍କାର ପଞ୍ଜାବୀ ଭାଷା କହୁଥିବା ଶୁଣିବାକୁ ମିଳିଛି।

ଖାଦ୍ୟରେ ରାଗ କମ୍ କରିବା ପାଇଁ ଆପଣାନ୍ତୁ ଏହି ଟିପ୍ସ

ରୋଷେଇ କରିବା ମଧ୍ୟ ଏକ କଳା । ଖାଦ୍ୟରେ ପ୍ରସ୍ତୁତ ବେଳେ ଯେକୌଣସି ସାମଗ୍ରୀର ଅନୁପାତ ଠିକ ନରହିଲେ ପାଗ ଓ ସ୍ୱାଦ ବିଗିଡି ଯାଏ । ଏଭଳି ଏକ ସାମଗ୍ରୀ ହେଉଛି ଲଙ୍କା । ଲଙ୍କାର ପରିମାଣ ଯଦି ଅଧିକ ହୋଇଯାଏ ,ତା'ହେଲେ ଖାଦ୍ୟ ଖାଇବା କଷ୍ଟକର ହୋଇପଡେ । ଆଡେ ଯେଉଁମାନେ ଆଦୌ ରାଗ ଖାଆନ୍ତି ନାହିଁ,ସେମାନେ ଦ୍ୱିତୀୟ ଥର ସେଥିରେ ହାତ ମାରନ୍ତି ନାହିଁ । ତେବେ ଭୁଲରେ ତରକାରୀରେ ଅଧିକ ଲଙ୍କା ପଡିଗଲେ ବି ରାଗ କମାଇବାର ଉପାୟ ଅଛି । ଯଦି ଆପଣ ସେ ଉପାୟଗୁଡିକ ବିଷୟରେ ଅବଗତ ନାହାନ୍ତି,ତା'ହେଲେ ଆସନ୍ତୁ ଜାଣିବା ।

୧.ତରକାରୀରେ ରାଗ କମ୍ କରିବା ପାଇଁ ଆପଣ ସେଥିରେ ଟମୋଟୋପ୍ୟୁରି ପକାଇପାରିବେ। ପ୍ରଥମେ କଡେଇରେ ଟିକେ ତେଲ ଗରମ କରି ଏଥିରେ ଟମାଟୋପ୍ୟୁରି ପକାଇ ଫୁଟାଇ ଦିଅନ୍ତୁ । ତା'ପରେ ଏହାକୁ ତରକାରୀରେ ମିଶାଇ ଦିଅନ୍ତୁ । ଦେଖିବେ ତରକାରୀର ସ୍ୱାଦ କିଛି ମାତ୍ରାରେ ଠିକ ହୋଇଯିବ ଓ ବେଶୀ ରାଗ ଲାଗିବ ନାହିଁ।

୨. ଯଦି ଆପଣ ତରକାରୀରେ ରାଗ କମ୍ ଟିକେ ରିଚ ଟେଷ୍ଟ ଆଣିବାକୁ ଚାହୁଁଛନ୍ତି,ତା'ହେଲେ ସେଥିରେ ଟିକେ ମଲାଇ ବା ସର ମିଶାଇ ଦିଅନ୍ତୁ। ଆପଣ ଫ୍ରେଶ କ୍ରିମ କିମ୍ବା ଦହି ମଧ୍ୟ ମିଶାଇ ପାରିବେ ।

୩. ଆପଣ ବେସନ ସାହାଯ୍ୟରେ ବି ଖାଦ୍ୟରେ ରାଗ କମାଇପାରିବେ । ହେଲେ ମନ ରଖନ୍ତୁ,କଞ୍ଚା ବେସନ ପକାଇବେ ନାହିଁ । ଖାଦ୍ୟରେ ପକାଇବା ପୂର୍ବରୁ ବେସନକୁ ଟିକେ ଭାଜି ଦିଅନ୍ତୁ ।

୪.ଆଳୁ ମଧ୍ୟ ଖାଦ୍ୟରେ ରାଗର ମାତ୍ରା କମ୍ କରିବାରେ ସାହାଯ୍ୟ କରେ । ଏଥିପାଇଁ ଆଳୁକୁ ସିଜାଇ ଭଲଭାବେ ଚକଟି ଦିଅନ୍ତୁ। ବର୍ତ୍ତମାନ ଏହାକୁ ତରକାରୀରେ ଭଲ ଭାବେ ମିଶାଇ ଦିଅନ୍ତୁ । ଦେଖିବେ ରାଗର ମାତ୍ରା କମ୍ ହୋଇଯିବ ।

ଟିଭି କମାଉଛି ପିଲାଙ୍କ ସୃଜନଶୀଳତା

ଟେଲିଭିଜନ୍ ପିଲାଙ୍କ ଚିତ୍ତ ବିନୋଦନର ଏକ ସହଜ ମାଧ୍ୟମ। ଲକ୍‌ଡାଉନ୍ ସମୟରେ ଲୋକେ ଗୃହବନ୍ଦୀ ହେବା ପରେ ଟିଭି, ଫୋନ୍, ଲ୍ୟାପ୍‌ଟପ୍‌ରେ ସର୍ବାଧିକ ସମୟ ବିତାଇଛନ୍ତି। ଅଭିଭାବକମାନେ ପିଲାଙ୍କୁ ଫୋନ୍‌ଠୁ ଦୂରରେ ରହିବାକୁ ଆକଟ କଲେ ବି ସେମାନଙ୍କ ଉପରେ ଏହାର ଖାସ୍ ପ୍ରଭାବ ପଡୁନାହିଁ। ପିଲା ଯଦି ଫୋନ୍ ବ୍ୟବହାର କରୁନାହିଁ, ଘଣ୍ଟା ଘଣ୍ଟା ଧରି ଟିଭି ସାମ୍ନାରେ ବସିରହୁଛି। କିନ୍ତୁ ସଦ୍ୟ ଅଧ୍ୟୟନ ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଅଧ୍ୟୟନ ଅନୁସାରେ, ଦିନରେ ୧୫ ମିନିଟ୍‌ରୁ ଅଧିକ ସମୟ ଟିଭି

ଦେଖୁଥିବା ପିଲାର ସୃଜନଶୀଳତା ଉପରେ କୁପ୍ରଭାବ ପଡ଼ିପାରେ। ବହି ପଢୁଥିବା କିମ୍ବା ବୁଦ୍ଧି ଖର୍ଚ୍ଚ କରି ଗୋଲକ ଧନ୍ଦା ସମାଧାନ କରୁଥିବା ପିଲାଙ୍କ ତୁଳନାରେ ଟିଭି ଦେଖୁଥିବା ପିଲାଙ୍କ ସୃଜନଶୀଳତା ହ୍ରାସ ଆଶଙ୍କା ବେଶି ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। ବ୍ରିଟେନ୍‌ର ଷ୍ଟାଫୋର୍ଡଶାୟାର ୟୁନିଭର୍ସିଟି ପକ୍ଷରୁ ଅଧ୍ୟୟନ କରାଯାଇଛି । ପିଲାର ବୌଦ୍ଧିକ ବିକାଶ, ମୌଳିକ ବିଚାର ଶକ୍ତିରେ ଏହା ବାଧକ ହୋଇପାରେ ବୋଲି ଉକ୍ତ ୟୁନିଭର୍ସିଟିର ପ୍ରାଧ୍ୟାପକ ସାରା ରୋଜ୍ କହିଛନ୍ତି।

ଏହି ବାର୍ତ୍ତାରେ ଲୁଚି ରହିଛି କୃଷ୍ଣଙ୍କ ସଫଳତାର ରହସ୍ୟ

ଶ୍ରୀମଦ୍ ଭାଗବତ ଗୀତାରେ ଜୀବନର ମୂଳତତ୍ତ୍ୱ ସହିତ ସଫଳତାର ରହସ୍ୟ ଲୁଚି ରହିଛି । କୁହାଯାଏ ଯେ, ଯିଏ ବି ଭଗବାନ କୃଷ୍ଣଙ୍କ ଉପଦେଶକୁ ଜୀବନରେ ଗ୍ରହଣ କରନ୍ତି, ସେହି ବ୍ୟକ୍ତିଙ୍କୁ ସଫଳ ହେବାରେ କେହି ଅଟକାଇ ପାରିବେ ନାହିଁ । ମହାଭାରତ ଯୁଦ୍ଧ ସମୟରେ ଯେତେବେଳେ ଅର୍ଜୁନ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ, ଭଗବାନ କୃଷ୍ଣ ତାଙ୍କୁ ଗୀତାର ଉପଦେଶ ଶୁଣାଇଥିଲେ। କୁହାଯାଏ କି ଗୀତାର ଉପଦେଶରେ ସଫଳତାର ମନ୍ତ୍ର ଲୁଚି ରହିଛି। ବିଶ୍ୱାସ କରାଯାଏ ଯେ ଗୀତା ପାଠ କରିବା ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଭଗବାନ କୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତି ଜନ୍ମ ହୁଏ, ସେତେବେଳେ ତାଙ୍କ ହାତ ଖାଲି ଥାଏ। ଯେତେବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ ସେତେବେଳେ ତା'ର ହାତ ଖାଲି ରହିଯାଏ। ଭଗବାନ କୃଷ୍ଣ କହିଛନ୍ତି ଯେ, ଦୁନିଆରେ ସବୁ ମୋହ। କୌଣସି ବ୍ୟକ୍ତି କାହା ସହିତ ଯାଆନ୍ତି ନାହିଁ, ଯାହା ମଣିଷ ଠାରୁ ମିଳିଥାଏ ତାହା ସବୁ ରହିଥାଏ। ମୃତ୍ୟୁ ହେଉଛି ଜୀବନର ପ୍ରକୃତ ସତ୍ୟ। ମଣିଷ ଟଙ୍କା ଏବଂ ମୋହ ପଛରେ ଦୌଡ଼ି ଦୌଡ଼ି ନିଜର ସମ୍ପର୍କ ଏବଂ ସାଙ୍ଗମାନଙ୍କୁ ହରାଇ ଦେଇଥାଏ।

ଭଗବାନ କୃଷ୍ଣ କହିଛନ୍ତି ଯେ, ମୋହର କୌଣସି ଲାଭ ନାହିଁ। ବକ୍ତିଙ୍କୁ ଜୀବନରେ ସନ୍ତୁଷ୍ଟିର ଭାବନା ରହିବା ଉଚିତ୍। ଜଣେ ବ୍ୟକ୍ତି ଅତ୍ୟଧିକ ଲୋଭ ହେତୁ ନିଜର ସୁଖ ଏବଂ ଶାନ୍ତି ହରାଇ ଦେଇଥାଏ ଏବଂ ଶେଷରେ ସେ କିଛି ଲାଭ କରିପାରେ ନାହିଁ। ଶ୍ରୀକୃଷ୍ଣ କହିଛନ୍ତି ଯେ, ଯିଏ ଯେମିତି ଆସିଥିବ ସିଏ ସେମିତି ହିଁ ଯିବ। ଏହା ହେଉଛି ଜୀବନ ଏବଂ ଏହା ଜୀବନର ସତ୍ୟ। ଯାହା ଆଜି ତୁମର ଅଛି ଆସନ୍ତା କାଲି ଅନ୍ୟ କାହାର ହେବ। ଯଦି ତୁମେ ଏହାକୁ ନିଜର ବୋଲି ଭାବୁଛ ତେବେ ଏହା ତୁମର ଦୁଃଖର କାରଣ ଅଟେ।

ମସୁର ଡାଲିରେ ତ୍ୱଚାର ଉପଚାର

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ୍ୟ ଲଗାଇ ପାରିବେ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜ୍ୱଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି

ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ୍ୟ ମିଶାଇ ପାରିବ। ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବଢ଼ିବ। ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ । ତ୍ୱଚା ନରମ ହେବା ସହ ଚିକ୍କଣ ମଧ୍ୟ ହୋଇଥାଏ।

ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର ଉପରେ ଉତ୍କର୍ଷ କେନ୍ଦ୍ର ଘୋଷଣା

ଭୁବନେଶ୍ୱର, ୧୫।୧୦ (ମହାଭାରତ): ସ୍ୱାସ୍ଥ୍ୟସେବା, କୃଷି ଓ ସହରରେ ଥିବା ପ୍ରମୁଖ ସମସ୍ୟାର ସମାଧାନ ବାହାର କରିବା ପାଇଁ ଏଆଇ ଟେକ୍ନୋଲୋଜିକୁ ବିକଶିତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର କ୍ଷେତ୍ରକୁ ବିଶେଷ ଦୃଷ୍ଟିରେ ରଖି ତିନୋଟି ଏଆଇ ସେଂଟର ଅଫ୍ ଏକ୍ସଲେନ୍ସ (ସିଓଇ) ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି ।

ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅ । ଟ ି ଫ ି ସ ି ଅ । ଲ ଇଂଟେଲିଜେନ୍ସ(ଏଆଇ)ରେ ଥିବା ୩ଟି ଉତ୍କର୍ଷ କେନ୍ଦ୍ର ବିଶ୍ୱର ଜନକଲ୍ୟାଣକାରୀ ମନ୍ଦିର ଭାବେ ଉଭା ହେବ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ଦିଲ୍ଲୀ ଏବଂ ଏମ୍ସ ଦିଲ୍ଲୀ ନେବ । କୃଷି କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ରୋପାର ନେବ ଏବଂ ଆଇଆଇଟି କାନପୁର ସ୍ଥାୟୀ ସହର(ସଷ୍ଟେନେବଲ ସିଟି) କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରକୁ ପରିଚାଳିତ କରିବ । ବିଶ୍ୱ ଏଆଇ ଦୃଶ୍ୟପଟ୍ଟରେ ଭାରତର ପରିଚୟକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆଗାମୀ ଦିନରେ ଏହି ଉତ୍କର୍ଷ କେନ୍ଦ୍ର ଗୁଡିକ ବିଶ୍ୱର ସାର୍ବଜନୀନ ନୀତିର ଏକ ପ୍ରମୁଖ ଉପାଦାନ ହେବ ଏବଂ ବିଶ୍ୱର ସମାଧାନ ପ୍ରଦାନକାରୀ ରାଷ୍ଟ୍ର ଭାବରେ ଉଭା ହେବ ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ତିନୋଟି ଉତ୍କର୍ଷ କେନ୍ଦ୍ରକୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ, ଶିଳ୍ପ ଅଂଶୀଦାର ଏବଂ ଷ୍ଟାର୍ଟଅପମାନେ ନେତୃତ୍ୱ ପ୍ରଦାନ କରିବେ । ସେମାନେ ଆନ୍ତଃବିଭାଗୀୟ ଗବେଷଣା କରିବା ସହ ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ

କରିବେ ଏବଂ ଏହି ତିନୋଟି କ୍ଷେତ୍ରରେ ସମସ୍ୟାର ସମାଧାନ ବାହାର କରିବେ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏକ ପ୍ରଭାବଶାଳୀ ଏଆଇ ଇକୋସିଷ୍ଟମକୁ ବିକଶିତ କରିବା ଏବଂ ଏହି ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁଣାତ୍ମକ ମାନବ ସମ୍ବଳକୁ ପ୍ରସ୍ତୁତ କରିବା । ଏଆଇର ୩ଟି ଉତ୍କର୍ଷ କେନ୍ଦ୍ର 'ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର' କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ସହ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବ ଏବଂ ସହରାଂଚଳର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ମୁକାବିଲା କରିବା ପାଇଁ ଏଆଇ ଉଦ୍ଭାବନ ଏବଂ ଗବେଷଣାକୁ ଗଣତାନ୍ତ୍ରିକ କରିବ । ଆମର ଅଗ୍ରଣୀ ଶିକ୍ଷାନୁଷ୍ଠାନର ନେତୃତ୍ୱରେ ଏହି ଉତ୍କର୍ଷ କେନ୍ଦ୍ର ଗୁଡ଼ିକ ଭାରତର ଏଆଇ ସାମର୍ଥ୍ୟକୁ ସୁଦୃଢ଼ କରିବ ଏବଂ ଭାରତର ଏଆଇ ଇକୋସିଷ୍ଟମର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିବ ।

୨୦୨୩-୨୪ କେନ୍ଦ୍ର ବଜେଟରେ 'ଭାରତରେ ଏଆଇ ତିଆରି କରିବା ଏବଂ ଭାରତ ପାଇଁ ଏଆଇ କାର୍ଯ୍ୟ କରିବା' ଲକ୍ଷ୍ୟର ଏକ ଅଂଶ ଭାବରେ ଏହି କେନ୍ଦ୍ର ଗୁଡ଼ିକ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ମୋଦୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ମୋଟ ୯୯୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ତିନୋଟି ଏଆଇ ସେଂଟର ଅଫ୍ ଏକ୍ସଲେନ୍ସ ତିଆରି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ପଦକ୍ଷେପର କାର୍ଯ୍ୟକାରିତା ତଥା ତଦାରଖ କରିବା ପାଇଁ ଜୋହୋ କର୍ପୋରେସନର ପ୍ରତିଷ୍ଠାତା ତଥା ସିଇଓ ଡ. ଶ୍ରୀଧର ଭେମ୍ବୁଙ୍କ ଅଧ୍ୟକ୍ଷତାରେ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇଛି ।

ଶୀର୍ଷ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଆଇ ଉତ୍କର୍ଷ କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ଦିଗରେ ଡ. ଶ୍ରୀଧର ଭେମ୍ବୁଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ କମିଟିକୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଏଥିସହିତ ଭାରତକୁ ଏଆଇର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ମାର୍ଗଦର୍ଶନ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଏଆଇରେ ଏହି ୩ଟି ଉତ୍କର୍ଷ କେନ୍ଦ୍ର ଆମ ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଅଧିକ ପ୍ରୋତ୍ସାହନ ଦେବ ।

ଅଗ୍ନିପଥ ପ୍ରାର୍ଥୀଙ୍କ ପାଇଁ ୧୮ରୁ ପୁରୀରେ ନିଯୁକ୍ତି ଶିବିର

ଭୁବନେଶ୍ୱର, ୧୫।୧୦ (ମହାଭାରତ): ଅଗ୍ନିପଥ ଯୋଜନାରେ ଚୟନ (ସର୍ଟଲିଷ୍ଟ) ହୋଇଥିବା ପ୍ରାର୍ଥୀଙ୍କ ପାଇଁ ଚଳିତ ମାସ ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ପୁରୀ ତାଳବଣିଆସ୍ଥିତ ଜିଲ୍ଲା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ଇନଡୋର ଷ୍ଟାଡିୟମ ଠାରେ ନିଯୁକ୍ତି ଶିବିର (ରାଲି) ଅନୁଷ୍ଠିତ ହେବ । ଏଥିରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରୁ ଚୟନ ହୋଇଥିବା ପ୍ରାର୍ଥୀ ଏବଂ ନିୟମିତ ସୈନିକ (କେବଳ ଜେସିଓ ବର୍ଗର ସିପାହୀ ଫାର୍ମା, ସୈନିକ ଟେକ୍, ନର୍ସିଂ ସହାୟକ ଓ ଧାର୍ମିକ ଶିକ୍ଷକ) ଏବଂ ପଶ୍ଚିମବଙ୍ଗ, ଓଡ଼ିଶା ଓ ସିକ୍କିମର ମହିଳା ମିଲିଟାରୀ ପୁଲିସ ପାଇଁ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ । ଅନଲାଇନରେ ସାଧାରଣ ପ୍ରବେଶିକ ପରୀକ୍ଷା (ସିଇଇ)ରେ ଉତ୍ତୀର୍ଣ୍ଣ ହୋଇ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷା ଏବଂ ମେଡ଼ିକାଲ ପରୀକ୍ଷା ପାଇଁ ଡକାଯାଇଛି । ପଞ୍ଜୀକୃତ ଇମେଲ୍ ଆଇଡିରେ ପ୍ରାର୍ଥୀମାନଙ୍କୁ ଆଡମିଟ୍ କାର୍ଡ ପଠାଇ ଦିଆଯାଇଛି । ପ୍ରାର୍ଥୀମାନେ ଭାରତୀୟ ସେନାର ୱେବସାଇଟ୍ରେ ଥିବା ସେମାନଙ୍କ ପ୍ରୋଫାଇଲରେ ଲଗଇନ କରି ନିଯୁକ୍ତି ଶିବିର ପାଇଁ ଆଡମିଟ୍ କାର୍ଡ ଡାଉନ ଲୋଡ୍ କରିପାରିବେ । ଏ ନେଇ କୌଣସି ସନ୍ଦେହ ଥିଲେ, ପ୍ରାର୍ଥୀମାନେ ୦୬୭୧-୨୩୦୫୨୮୦ ଏବଂ ୯୪୩୭୧୬୨୨୨୮୦ ନମ୍ବରରେ କଟକ ଏଆରଓଙ୍କ ସହିତ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ କୌଣସି ବ୍ୟକ୍ତିଙ୍କୁ ନିଜର ଅସଲି ପ୍ରମାଣପତ୍ର ନଦେବା ଏବଂ ଠକ/ଏଜେଂଟଙ୍କ ପ୍ରଲୋଭନର ବଶବର୍ତ୍ତୀ ନହେବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ଏପରି କୌଣସି ଘଟଣା କ୍ଷେତ୍ରରେ ପ୍ରାର୍ଥୀମାନେ ତୁରନ୍ତ ସ୍ଥାନୀୟ ପୁଲିସ ଏବଂ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟରେ ତୁରନ୍ତ ଅଭିଯୋଗ କରାଯାଇପାରିବ ।

ଜଳ ସଂରକ୍ଷଣରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ

ଭୁବନେଶ୍ୱର, ୧୫।୧୦ (ମହାଭାରତ): କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ତରଫରୁ ପଞ୍ଚମ ଜାତୀୟ ଜଳ ପୁରସ୍କାର-୨୦୨୩ ଘୋଷଣା କରାଯାଇଛି । ଏଥିରେ ଓଡ଼ିଶାକୁ ସାରା ଦେଶରେ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ମିଳିଛି । ଜଳ ସଂରକ୍ଷଣ ଦିଗରେ ବ୍ୟାପକ କାର୍ଯ୍ୟ କରୁଥିବା କାରଣରୁ ଓଡ଼ିଶାକୁ ପ୍ରଥମ ପୁରସ୍କାର ମିଳିଛି । ସେହିପରି ବଲାଙ୍ଗିରକୁ ଶ୍ରେଷ୍ଠ ଜିଲ୍ଲା, ପୁରୀକୁ ଶ୍ରେଷ୍ଠ ସହରାଞ୍ଚଳ ସଂସ୍ଥା ଓ ମୟୂରଭଞ୍ଜର ଖଇରବଣି ଅ ।ଶ୍ରମ ସ୍କୁଲକୁ ଶ୍ରେଷ୍ଠ ସ୍କୁଲ ଭାବେ ମନୋନୀତ କରାଯାଇଛି । ଏହି ୪ଟି ବର୍ଗରେ ଓଡ଼ିଶା ଜାତୀୟ ଜଳ ପୁରସ୍କାର ପାଇବ ।

ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଜଳ ସଂରକ୍ଷଣ କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ସାରା ଦେଶରେ ସଫଳତା ହାସଲ କରିଛି । ରାଜ୍ୟରେ ୫୩ ହଜାର ଜଳ ସଂରକ୍ଷଣ ଓ ବର୍ଷା ଜଳ ଅମଳ ପ୍ରକଳ୍ପ, ୧୧ ହଜାର ଜଳାଶ୍ରୟରେ ପ୍ରାୟ ୧୦,୮୦୦ଟି ଜଳ ଅମଳ ଭିତ୍ତିଭୂମି, ୬୮,୭୦୦ ଜଳ ବିକାଶ ପ୍ରକଳ୍ପ, ୨୧ ହଜାର ବର୍ଜ୍ୟଜଳ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହୋଇଛି । ଏଥିସହିତ ୧୮ ହଜାର କିମି ଡ୍ରେନେଜ ଚ୍ୟାନେଲ ନିର୍ମାଣ କରାଯିବା ସହ ୩୯ ହଜାର ହେକ୍ଟର ଚାଷଜମିକୁ ଜଳବନ୍ଦୀରୁ ଉଦ୍ଧାର କରାଯାଇଛି । ୯୦ ହଜାର ୯ ଶହ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ ଅଞ୍ଚଳରେ ପରିଣତ କରାଯାଇଛି । ରାଜ୍ୟରେ କ୍ଷୁଦ୍ର ଜଳସେଚନ ଓ ଚେକଡ୍ୟାମର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅ ।ଡ଼ିବନ୍ଧ ତିଅ ।ରି ଯୋଜନା କାର୍ଯ୍ୟକ୍ଷମ ହେଉଛି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଓଡ଼ିଶାକୁ ଅନେକ ଥର ଜାତୀୟ ଜଳ ପୁରସ୍କାର ମିଳିଥିଲା ।

ସେଂଟର ଫର ଏନ୍‌ଭର୍ଣ୍ଣମେଂଟାଲ ଷ୍ଟଡିଜ୍‌ର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର, ୧୫।୧୦ (ମହାଭାରତ): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ସେଂଟର ଫର ଏନ୍‌ଭର୍ଣ୍ଣମେଂଟାଲ ଷ୍ଟଡିଜ୍‌ର ୧୮ତମ ପରିଚାଳନା କମିଟି ବୈଠକ ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିର୍ଦ୍ଦେଶକ, ପରିବେଶ ତଥା-ସ୍ୱତନ୍ତ୍ର ଶାସନ ସଚିବ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଶ୍ରୀ ପ୍ରେମ କୁମାର ଝା, ନିର୍ଦ୍ଦେଶକ, ସେଂଟର ଫଂ ଏନ୍‌ଭର୍ଣ୍ଣମେଂଟାଲ ଷ୍ଟଡିଜ୍ ଡକଫର କେ. ମୁରୁଗେସନ୍, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

(ଏସ୍‌ପିସିବି) ଏବଂ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ମିଶନ୍ ଲାଇଫ ସମ୍ବନ୍ଧୀୟ ୭ଟି ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିଥିଲେ । ଇକୋ-କ୍ଲବ୍‌ର ସଦସ୍ୟମାନେ ମିଶନ୍ ଲାଇଫ ଅନ୍ତର୍ଗତ କାର୍ଯ୍ୟକ୍ରମଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ପ୍ରକୃତି ଶିବିର ଆୟୋଜନକୁ ଗୁରୁତ୍ୱ ଦେବାପାଇଁ ସେ କହିଥିଲେ । ପ୍ରତ୍ୟେକ ପ୍ରକୃତି ଶିବିରରେ ୪୦-୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ଏବଂ ପ୍ରତ୍ୟେକ ଜିଲ୍ଲାରେ ୫୦ଟି ପ୍ରକୃତି ଶିବିରର ଆୟୋଜନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକୃତି ସହିତ ଛାତ୍ରଛାତ୍ରୀମାନଙ୍କୁ ଓତପ୍ରୋତ ଭାବେ ଜଡ଼ିତ କରି ପରିବେଶ ପ୍ରତି ତାଙ୍କର ଦାୟିତ୍ୱବୋଧ ଭାବନା ସୃଷ୍ଟି କରିବା ପାଇଁ ଏହି ପଦକ୍ଷେପଟି ଉଦ୍ଦିଷ୍ଟ । ଏହି ଶିବିରଗୁଡ଼ିକର ଅଭିଜ୍ଞତା ଜୈବ ବିବିଧତା ଏବଂ ଏହାର ସଂରକ୍ଷଣ ପ୍ରୟାସ ସହିତ ସିଧାସଳଖ ଜଡ଼ିତ ।

"ଏକ ପେଡ ମା କେ ନାମ" ଅଭିଯାନକୁ ଅକୁଣ୍ଠ ସମର୍ଥନ ଜଣାଇ ଛାତ୍ରଛାତ୍ରୀମାନେ ସେମାନଙ୍କ ମା'ଙ୍କ ସମ୍ମାନାର୍ଥେ ବହୁଳ ଭାବରେ ବୃକ୍ଷରୋପଣ କରି ଏହାର ଯତ୍ନ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ଉଦ୍ଦେଶ୍ୟରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି ବିକଶିତ ଓଡ଼ିଶା ନିର୍ମାଣ କରିବା ଦିଗରେ ଯୁବପିଢ଼ିକୁ ଜଡ଼ିତ କରିବାକୁ ସେ ନିର୍ଦ୍ଦେଶକ ଡଃ କେ. ମୁରୁଗେସନଙ୍କୁ ପରାମର୍ଶ ଦେଇଥିଲେ ।

ବୈଠକରେ ଉପସ୍ଥିତ ସଦସ୍ୟମାନେ ସାରା ରାଜ୍ୟରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସ୍କୁଲ କ୍ୟାମ୍ପସ୍ ତିଆରି କରିବାକୁ ପରାମର୍ଶ ଦେଇଥିଲେ । ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ କରିବା ଏବଂ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ବିକଳ୍ପ ପଦାର୍ଥକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ଥାୟୀ ଜୀବନଶୈଳୀକୁ ଗୁରୁତ୍ୱ ଦେବା ପାଇଁ ଏହା ଏକ ମିଳିତ ପ୍ରୟାସ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

ଟିଟିଲାଗଡ଼ ଓ ଖଣ୍ଡପଡ଼ାରେ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନା ନେଇ ବୈଠକ

ଭୁବନେଶ୍ୱର, ୧୫।୧୦ (ମହାଭାରତ): ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଟିଟିଲାଗଡ଼ଠାରେ ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଓ ଖଣ୍ଡପଡ଼ାଠାରେ ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନା ନେଇ ଟିଟିଲାଗଡ଼ ବିଧାୟକ ଶ୍ରୀ ନବୀନ କୁମାର ଜୈନ ଓ ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ ବୈଠକରେ ପ୍ରସ୍ତାବ ଦେଇଥିଲେ ।

ଏହି ଦୁଇଟି ଅଂଚଳରେ ଉଚ୍ଚ କ୍ଷମତାସଂପନ୍ନ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ବିଦ୍ୟୁତଜନିତ ଅସୁବିଧା ଦୂର ହେବା ସଙ୍ଗେ ସଙ୍ଗେ ଖରାଦିନେ ହେଉଥିବା ଲୋ-ଭୋଲ୍‌ଟେଜ୍ ସମସ୍ୟାରୁ ମୁକ୍ତି ମିଳିପାରିବ । ବୈଠକରେ ଓପିଟିସିଏଲ୍ ଓ ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଏ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ । ସଂପ୍ରତି ରାଜ୍ୟରେ ୨୦ରୁ ଅଧିକ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କାର୍ଯ୍ୟ ଚାଲୁ ରହିଛି । ଏଥି ମଧ୍ୟରୁ ୧୧ଟି ଗ୍ରୀଡ୍ ସଂପୂର୍ଣ୍ଣ ହୋଇ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ।

ବୈଠକରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ଜନସାଧାରଣଙ୍କ ବିଦ୍ୟୁତଜନିତ ଅସୁବିଧାକୁ ଦୂର କରିବା ପାଇଁ ସରକାର ସର୍ବଦା ଚେଷ୍ଟିତ । ଏ ନେଇ ଉଭୟ ଓପିଟିସିଏଲ୍ ଏବଂ ଟାଟା ପାୱାର ସହ ଆଲୋଚନା ଜାରି ରହିଛି । ଟିଟିଲାଗଡ଼ ଓ ଖଣ୍ଡପଡ଼ାବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତସେବା ଯୋଗାଇ ଦେବା ପାଇଁ ପାଶ୍ୱବର୍ତ୍ତୀ ଗ୍ରୀଡ୍‌କୁ ସଂଯୋଗୀକରଣ ବିଷୟରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଦଶପଲ୍ଲାରେ ଗ୍ରୀଡ୍ ସଂପୂର୍ଣ୍ଣ ହେବା ପରିସ୍ଥିତିରେ ଓପିଟିସିଏଲ୍ ଓ ଟାଟା ପାୱାରର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଇକୋ ଟେକ ଇନେଭେଟର, ପହଂଚିଥିବାବେଳେ ହାଟବସ୍ତାରେ ଗ୍ରୀଡ୍ ସବ୍‌ଷ୍ଟେସନ୍ ନିମନ୍ତେ ଦିଆଯାଇଥିବା ପ୍ରସ୍ତାବ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ।

ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା,

ସାମସଙ୍ଗ 'ସଲଭ ଫର ଟୁମରୋ ୨୦୨୪' ବିଜେତା ଘୋଷଣା

ଭୁବନେଶ୍ୱର, ୧୫।୧୦ (ମହାଭାରତ): ସାମସଙ୍ଗ ଇଣ୍ଡିଆ ବିଜେତା ଦଳର ନାମ ଘୋଷଣା କରିଛି, ଯଥା – ଇକୋ ଟେକ୍ ଇନୋଭେଟର ଏବଂ ମେଟାଲ, ଯେଉଁମାନେ କି "ସଲଭ ଫର ଟୁମରୋ ୨୦୨୪" ତୃତୀୟ ସଂସ୍କରଣର ଅଂଶଗ୍ରହଣକାରୀ ଯାହା କମ୍ପାନୀର ଫ୍ଲାଗସିପ ଜାତୀୟ ଶିକ୍ଷା ଏବଂ ଅଭିନବୀକରଣ ପ୍ରତିଯୋଗିତା ଅଟେ । ଗୋଟିଏ ପଟେ ଗୋଲାଘାଟ ଆସାମର ଇକୋ ଟେକ ଇନୋଭେଟର ବିଦ୍ୟାଳୟ ସ୍ତରର କମ୍ୟୁନିଟି ଚମ୍ପିୟାନ ଘୋଷଣା ହୋଇଥିବା ବେଳେ, ଅନ୍ୟ ପଟରେ ଉଡୁପି କର୍ଣ୍ଣାଟକର ମେଟାଲ ଯୁବ ବର୍ଗରେ ପରିବେଶ ଚମ୍ପିୟାନ ଘୋଷଣା ହୋଇଛନ୍ତି ଏବଂ ଉଭୟ ଦଳ ପ୍ରମୁଖ ଭାରତୀୟ ସହରର ବାହାରେ ନିଜ ନିଜର ଉପସ୍ଥିତିକୁ ପ୍ରଦର୍ଶନ କରିଛନ୍ତି ।

ଇକୋ ଟେକ ଇନେଭେଟର, ନିଜର ଏକ ପ୍ରକଳ୍ପର ବିକାଶ କରିଥିଲେ ଯାହା ପାନୀୟ ଉପଯୋଗୀ ଜଳକୁ ଅଣ-ସଂକ୍ରମିତତାକୁ ନ୍ୟାୟ ସଙ୍ଗତ କରିବାରେ ସଫଳତା ପାଇଁ ତଥା ଆଦ୍ୟ ପ୍ରସ୍ତୁତ ଯୋଜନା ବା ଉଦ୍ଦେଶ

ସଡକ ଦୁର୍ଘଟଣା

ପ୍ରତି ବର୍ଷ ସଡ଼କ ଦୁର୍ଘଟଣାରେ ଯେତେ ଲୋକ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି । ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି । ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି । ସଡକ ଦୁର୍ଘଟଣାର ଅନେକ କାରଣ ରହିଛି । ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ । ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି । ଫଳରେ ରାସ୍ତାରେ ଧନଜୀବନ ହାନି ହେଉଛି । ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂଖ୍ୟା ଆହୁରି ବଢ଼ି ଯାଉଛି । ଜାତୀୟ ବା ରାଜ୍ୟପଥରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । ସହର ଭିତରେ ବି ଏହାର ଅଭାବ ରହିଛି । ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ । ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ଫିଟନେସ ଟେଷ୍ଟ କରାଯାଉନି । ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ । ଏହାକୁ ବି ଯାଞ୍ଚ କରାଯାଉନି । ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ । କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି । ନିକଟରେ ବାଙ୍କୀ ନିକଟରେ ମହାନଦୀ ବ୍ରିଜ ଉପରେ ଏଭଳି ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଏଥିରେ ୬୦ଜଣଙ୍କ ଜୀବନ ଅଳ୍ପକେ ବଂଚି ଯାଇଛି । ସମ୍ପୃକ୍ତ ବସର ଫିଟନେସ ନଥିଲା । ଡ୍ରାଇଭର ମଧ୍ୟ ଅତି ବେପରୁଆ ଭାବେ ଗାଡ଼ି ଚଳାଉଥିଲେ । ଏଥିପାଇଁ କିଏ ଦାୟୀ ? ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ । ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି । ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ୍ସ ନିର୍ମାଣ କରାଯାଉଛି । ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି । ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲେକ ବ୍ୟବସ୍ଥା ରହିବା ଉଚିତ । ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ । ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ । କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଥିଲେ । ଅନେକ ସମୟରେ ଘାଟୀ ରାସ୍ତାରେ ଦୁର୍ଘଟଣା ହେଉଛି । ବର୍ଷା ଦିନେ ସ୍ଲିପ କରିବା ହେତୁ ଅନେକ ସମୟରେ ଏହି ଦୁର୍ଘଟଣା ହେଉଛି । ଘାଟୀରେ ଗାଡ଼ି ଚଳାଇବାର ଅଭିଜ୍ଞତା ନଥିଲେ ମଧ୍ୟ ଏଭଳି ଦୁର୍ଘଟଣାର ଆଶଙ୍କା ଥାଏ । ତେଣୁ ନିହାତି ଆବଶ୍ୟକତା ନଥିଲେ ରାତିରେ ଗାଡ଼ି ଚାଳନାକୁ ବାରଣ କରାଯିବା ଉଚିତ । ସେହିପରି ସହରାଞ୍ଚଳରେ ଅନେକ ଛାତ୍ର-ଯୁବକ ବେପରୁଆ ଭାବେ ଅତି ଦ୍ରୁତ ଗତିରେ ବାଇକ ଚଳାଇବାଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି । ଅନେକ ପରିବାର ଉଚ୍ଛନ୍ନ ହୋଇଯାଉଛି । ନିରୀହ, ନିରପରାଧ ବ୍ୟକ୍ତିଙ୍କ ଜୀବନ ଯାଉଛି । ଏହାକୁ ରୋକିବା ନିମନ୍ତେ ଦ୍ରୁତ ଗତିରେ ବାଇକ ବା କାର ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ ।

ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

॥ ସୌମେନ୍ଦ୍ର ଜେନା ॥

;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ଥାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ଥାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି ।

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ଥାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ମୁକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ଥାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧ୍ୟରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ୍ୟ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ୍ୟ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ଥାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଚାହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ଥାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ଥାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ଥାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ଥାନୀ ନେତା ପାକିସ୍ଥାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ଥାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ଥାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ଥାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇଲେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ଥାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ଥାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ଥାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍‌ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ଥାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି । ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି । ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା । ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି । ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା । ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ । ଏହାର ମୂଲ୍ୟ ଅମୂଲ୍ୟ । ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା । ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ

ଉତ୍କଳ ଗୌରବ ହାଇସ୍କୁଲ ୨୦୦୮ ବ୍ୟାଚର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ

ଦଶରଥପୁର, (ମହାଭାରତ): ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥ ଦକ୍ଷିଣବନ୍ଧ ଉତ୍କଳଗୌରବ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ୨୦୦୮ ବ୍ୟାଚ ଛାତ୍ର ଛାତ୍ରୀ ମାନଙ୍କ ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୨୦୦୮ ବ୍ୟାଚର ପୁରାତନ ଛାତ୍ର ଚିରଞ୍ଜୀବ ତପନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ଶିକ୍ଷକ ନିରଞ୍ଜନ ସାମଲ,ଲାଲବିହାରୀ ସାହୁ,କପିଳ ଚରଣ ଦାସ, କାଳନ୍ଦୀ ଚରଣ ପତି, ଜ୍ଞାନେନ୍ଦ୍ର ନାୟକ ଓ ବର୍ତମାନର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଆଲୋକ କୁମାର ଗିରି, ଚତୁର୍ଥ ଶ୍ରେଣୀ କର୍ମଚାରୀ କିରଣ ଚରଣ ନାୟକ, କୃପାସିନ୍ଧୁ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ୨୦୦୮ ବ୍ୟାଚ ଛାତ୍ର ସ୍ୱର୍ଗତ ଚଣ୍ଡିଚରଂଜନ ଦାସଙ୍କ ପାଇଁ ପ୍ରଥମେ ୧ ମିନିଟ ନିରବ ପ୍ରାର୍ଥନା କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୁରାତନ ଛାତ୍ର ଛାତ୍ରୀ ମାନେ ଶିକ୍ଷକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲା ବେଳେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଇଥିଲା ।୨୦୦୮ ବ୍ୟାଚର ୫୦ ରୁ ଊର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିବାବେଳେ ନୀତେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ପୋଖରୀରେ ବୁଡ଼ି ଭାଇ- ଭଉଣୀ ମୃତ

ବାଲିଅନ୍ତା (ମହାଭାରତ)- ଦଶହରାରେ ମାମୁଁ ଘର ବୁଲି ବା କୁ ଆସି ପୋଖରୀରେ ବୁଡ଼ିଗଲେ ଭାଇ ଭଉଣୀ । ଏଭଳି ଏକ ଦୁଃଖ ଦ ଘଟଣା ଘଟିଛି ବାଲିଅନ୍ତା ଥାନା ସୁଭାଲୋ ଗ୍ରାମରେ । ମୃତକ କୋରଡକଣ୍ଢା ଗ୍ରାମର ୧୪ ବର୍ଷୀୟ ଶୁଭଶ୍ରୀ ଜେନା ଏବଂ ୮ ବର୍ଷୀୟ ରାଜନ ଜେନା ।ଆଜି ଭାଇ ଭଉଣୀ ପୋଖରୀରେ ଗାଧୋଉଥିବା ବେଳେ ଭାଇ ରାଜନ ଜେନାଙ୍କ ଗୋଡ ପାହାଚ ଶିଉଳିରେ ଖସିଯାଇଥିଲା । ଫଳରେ ରାଜନ ପୋଖରୀରେ ବୁଡ଼ିଯାଇଥିଲେ । ଭାଇକୁ ରକ୍ଷା କରିବାକୁ ଭଉଣୀ ପୋଖରୀକୁ ଡେଇଁପଡ଼ିଥିଲେ । ଉଭୟ ପୋଖରୀରେ ବୁଡ଼ି ଯାଇଥିଲେ । ପରେ ଗ୍ରାମବାସୀ ଉଭୟଙ୍କୁ ଏକ ଘଣ୍ଟା ପର୍ଯ୍ୟନ୍ତ ଯୋଖରୀରେ ଖୋଜା ଖୋଜି କରିବା ପରେ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲେ । ସେଠାରେ ଡାକ୍ତର ଉଭୟ ଭାଇ- ଭଉଣୀଙ୍କୁ ମୃତ ଘୋଷଣା କରିଛନ୍ତି । ଦଶହରା ଛୁଟିରେ ଭାଇ ଭଉଣୀ ମାମୁଁ ଘର ବୁଲିବାକୁ ଆସିଥିଲେ। ଏଭଳି ଏକ ଦୁଃଖଦ ଘଟଣା ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ବାଲିଅନ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ସାବବ୍ୟବଚ୍ଛେଦ କରିବା ପାଇଁ ପଠାଇବା ସହ ଘଟଣା ର ତଦନ୍ତ କରୁଛି।

ଜୁନାଗଡ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

କଳାହାଣ୍ଡି/ମହାଭାରତ: ଆଜି କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୬ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୫ ଗୋଟି ରହିଥିବା ବେଳେ ଦଳଗତ ୨୧

ଜଣଙ୍କର ରହିଥିଲା । ଶିବିରରେ ୫ ଗୋଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା । ସମସ୍ତଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରି ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଯୁଗ୍ମ ଶୁଣାଣୀ ଶିବିର ରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ,ଧର୍ମଗଡ଼ ଧୂମାନ ଚକମା ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ , ବ୍ଲକ ଅଧକ୍ଷ, ତହସିଲଦାର, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ନବରଙ୍ଗପୁର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ

କ୍ରୀଡା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମିକ୍ଷା ବୈଠକ

ନବରଙ୍ଗପୁର(ମହାଭାରତ): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ସକାଳ ୯.୦୦ ଘ ସମୟରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରମୁଖ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଙ୍କ ଅଧକ୍ଷତାରେ ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବିନ ନାୟକ ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦର ଓ୍ୱାନ

,ଅତିରିକ୍ତ ନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ ଯଦୁମଣି ନାୟକ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ସ୍ୱାସ୍ଥ୍ୟ ବିଭାଗର ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯକ୍ଷ୍ମା ନିରାକରଣ,ନିରାମୟ,ନିଦାନ, ସ୍ୱଚ୍ଛ ଭାରତ ମିଶନର ଶୌଚାଳୟ ନିର୍ମାଣ ଯୋଗାଣ ବ୍ୟବସ୍ଥା ଓ ଲକ୍ଷ୍ୟ, ପି ଏମ ଶ୍ରୀ ସ୍କୁଲ, ସାକ୍ଷରତା ହାର,ସୁଭଦ୍ରା ଯୋଜନା,ଅଙ୍ଗନବାଡ଼ି କେନ୍ଦ୍ର ପରିଚାଳନା, ପୋଷଣ ଅଭିଯାନ,ହଷ୍ଟେଲ ନିର୍ମାଣ,ରବି ଧାନ ସଂଗ୍ରହଣ,ଦାଦନ ଶ୍ରମିକ ,ଶିଳ୍ପ ସ୍ଥାପନ,ଜିଲ୍ଲା ପରିବହନ ବିଭାଗର ଏ ଡି ଟି ଏସ, ଏ ଟି ଏସ,ସଡ଼କ ସୁରକ୍ଷା ଆଇନ ଉଲ୍ଲଙ୍ଘନ ଫାଇନ୍ ,ଓଡ଼ିଶା ଜୀବିକା ମିଶନ ଉପରେ ସଂପୃକ୍ତ ଅଧିକାରୀ ଙ୍କୁ ପ୍ରଶ୍ନ ପଚାରି ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଙ୍କୁ ଆନ୍ତରିକ ଉଦ୍ୟମ ଓ ଦାୟିତ୍ୱ ନିର୍ବାହ ସହ ସରକାରୀ ଯୋଜନା ର ସୁଫଳ ଯେଭଳି ଜନ ସାଧାରଣଙ୍କୁ ମିଳିବ ଏହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଶେଷ ହେଲା ପାଟଣାଗଡ଼ରେ ମାଁ ପାଟଣେଶ୍ୱରୀ ଙ୍କ ବଏଲ୍ ଯାତ୍ରା

ପାଟଣାଗଡ (ମହାଭାରତ) ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ମାଁ ପାଟଣେଶ୍ୱରୀ ଙ୍କ ଐତିହାସିକ ବଏଲ ଯାତ୍ରା ମହା ଆଡମ୍ବରରେ ପାଳିତ ହୋଇ ଯାଇଛି । ତେବେ ଏହି ବର୍ଷ ବଏଲ ଯାତ୍ରାରେ କୁଆଁରୀ ବରୁଆଙ୍କ ଦେହରେ ମାଁ ପାଟଣେଶ୍ୱରୀ ଆର୍ବିଭାବ ହୋଇ ଭକ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ନଗର ପରିକ୍ରମା କରିଛନ୍ତି । ସେପଟେ ପାଟଣା ଇତିହାସରେ ଯାହା ଜଣା ପଡ଼େ ଏହି ବଏଲ ଯାତ୍ରାରେ ପାଟଣା ନରେଶ ଅନନ୍ତ ବର୍ମା ରାଜତ୍ୟ ସମୟରେ ଆରମ୍ଭ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅନେକ ରାଜା ରାଜ ବଂଶଙ୍କ ପତନ ହୋଇଥିଲେ ମଧ୍ୟ ଏହି ବଏଲ ଯାତ୍ରା ଏବେ ବି ଅଟୁଟ ରହିଅଛି , ତେବେ ଐତିହାସିକ କିମ୍ବଦନ୍ତି ଅନୁସାରେ ୧୧୫୯ ମସିହାରେ କୈଶଲ ରାଜ୍ୟର ପ୍ରଥମ ଚୌହାନ ବଂଶର ରାଜା ରମାଇ ଦେଓ ଅଷ୍ଟ ମଲ୍ଲୁକକୁ ମାରି ତାର ଗଣ୍ଡି ,ମୁଣ୍ଡ , ହସ୍ତ ,ଓ ଗୋଡ଼ ଗୁଡ଼ିକୁ ବିଭିନ୍ନ ଶକ୍ତି ପିଠରେ ପୋତି ଦେଇଥିଲେ , ତେଣୁ ମାଁ ପାଟଣେଶ୍ୱରୀ, ମାଁ ଡ଼ଙ୍ଗେଇ , ମାଁ ସମଲେଶ୍ୱରୀ ବରୁଆଙ୍କୁ ଚନ୍ଦନ ତିଳକ କରି ପାଟଣେଶ୍ୱରୀ ଙ୍କ ସମ୍ମୁଖରେ ଯନ୍ତ୍ର ମନ୍ତ୍ର କାଟି ସେହି ଯନ୍ତ୍ର ମନ୍ତ୍ର ଉପରେ ବରୁଆଙ୍କୁ ବସାଇ ଦେବୀ ଙ୍କୁ ଆମନ୍ତ୍ରଣ କରାଯାଏ । ଆଉ ଦେବୀ ବରୁଆଙ୍କ ଦେହରେ ଯେତେ ବେଳେ ପ୍ରବେଶ କରନ୍ତି ସେତେ ବଳେ ଢୋଲ ନିଶାନ୍ ଓ ସ୍ୱଡ଼ତନ୍ତ୍ର ମୁହୁରୀ ବାଦ୍ୟରେ ସାରା ଶକ୍ତି ପିଠ କମ୍ପି ଉଠେ । ପରେ ପାଟଣେଶ୍ୱରୀ ମନ୍ଦିରରେ ପୂଜା ପାଉଥିବା ପାଟଖଣ୍ଡା କୁ ଅଣାଯାଇ ବରୁଆକୁ ଧରାଇ ଦିଆ ଯାଇଥାଏ ।ଆଉ ବରୁଆ ଅଷ୍ଟ ମଲ୍ଲୁକ ପୋତା ଯାଇଥିବା ବିଭିନ୍ନ ସ୍ଥାନ କୁ ଯାଇ ପାଟଖଣ୍ଡାରେ ଶକ୍ତ ଆଘାତ କରି ଥାଆନ୍ତି । ତେବେ ଏହି ଆଘାତ କରିବା ଦ୍ୱାରା ଅଷ୍ଟ ମଲ୍ଲୁକ ଗୋଟିଏ ବର୍ଷ ପର୍ଯ୍ୟନ୍ତ କୌଣସି ବିପଦ ସୃଷ୍ଟି କରି ପାରିବ ନାହିଁ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି । ଅନ୍ୟ ପଟେ ଅଷ୍ଟମୀ ଦିନ ଦେବୀ ଠାରେ ଲଗା ଯାଇ ଥିବା ଭୋଗକୁ ଗଡ଼ର ଚାରି ଦୁଆରେ ଲଗା ଯାଇ ଯୋଗିନି ମାନଙ୍କୁ ଜାଗ୍ରତ କରାଇ , ସେମାନଙ୍କୁ ନିରାପଦରେ ରଖନ୍ତି ବୋଲି କିମ୍ବଦନ୍ତି ମଧ୍ୟ ରହି ଅଛି । ପରେ ବରୁଆ ରାଜ ଖମାର କୁ ଯାଇ ମାଁ ଦଶମତୀ କୁ ଦର୍ଶନ କରି ଥାଆନ୍ତି । ଆଉ ସେଠାରେ ପାଟଣା ମହାରାଜ କନକ ବର୍ଦ୍ଧନ ସିଂହଦେଓ ମା'ଙ୍କୁ ଦର୍ଶନ କରିବାକୁ ମଧ୍ୟ ଉପେକ୍ଷା କରି ଥାଆନ୍ତି । ତେଣୁ ଗଡ଼କୁ ଆସିବା ପରେ ଢୋଲ ବାଦ୍ୟ ଉପରେ ଚଢ଼ି ବୀର ବାଦ୍ୟର ତାଳେ ତାଳେ ନାଚି ଥାଆନ୍ତି ମାଁ ପାଟଣେଶ୍ୱରୀ, ମାଁ ଡ଼ଙ୍ଗେଇ ମାଁ ସମଲେଶ୍ୱରୀ । ତେବେ ଏହା ଓଡ଼ିଶାର ଏକ ବିରଲ ଯାତ୍ରା ହୋଇ ଥିବା ରୁ ଏଠାକୁ ଏ ବର୍ଷ ୧୦ ହଜାର ରୁ ଊର୍ଦ୍ଧ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ହିନ୍ଦୋଳ ସାମ୍ବାଦିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ପଞ୍ଜିକୃତ ହିନ୍ଦୋଳ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ଆଜି ସାତମାଇଲ ସ୍ଥିତ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟରେ ଆଗାମୀ ସାମ୍ବାଦିକ ଦିବସ ପାଳନ ନିମନ୍ତେ ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବା ସହ ନିରାଡମ୍ବର ଭାବେ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ହିନ୍ଦୋଳ ପାଇଁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷୀକୃତ ଅବଦାନ ଥିବା,ସହିଦଙ୍କ ପରିବାର ସମେତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସମାଜ କଲ୍ୟାଣରେ ବ୍ରତୀଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାକୁ ସମସ୍ତ ସଦସ୍ୟ ପରାମର୍ଶ ଦେଇଥିଲେ। ସେହିପରି ସଂଘର ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ସଂଘରେ ଯୋଗଦେଇଥିବା ହିନ୍ଦୋଳର ଅନ୍ୟତମ ସାମ୍ବାଦିକ ଗୌତମ ମୁଦୁଲିଙ୍କୁ ସଂଭ୍ୟାଗତ ଜଣାଇ ଉପଢୌକନ ଦେଇ ସଂଘରେ ସାମିଲ କରାଯାଇଥିଲା ।ଆଜିର ବୈଠକରେ ସଂଘର ସଭାପତି ସୁଶାନ୍ତ ପତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ବିବରଣୀ ପାଠ ସହ ସଂଘର କାର୍ଯ୍ୟସୁଚି ପ୍ରଦାନ କରିଥିଲେ।

ବାଲିଗୁଡା ଅଞ୍ଚଳରେ ନକଲି ବିଦେଶ ମଦର ବନ୍ୟା

ବାଲିଗୁଡା(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡା ବଜାର ଓ ଆଖପାଖ ଗ୍ରାମରେ ଚାଲିଛି ଦଶହରା ମାଁ ଦୁର୍ଗାଙ୍କ ମେଢ ଓ ନାଚ ଯାତ୍ରା ।ଏହି ନାଚ ଦେଖିବାକୁ ଆଖପାଖ ଅଞ୍ଚଳରୁ ଲକ୍ଷ,ଲକ୍ଷ ଜନସମାଗମ ହୋଇଥାନ୍ତି ।ଏହାର ସୁଯୋଗ ନେଇ ବାଲିଗୁଡା ଠାରେ ଚୋରା ରେ ବିଦେଶ ମଦ ବହୁଳ ମାତ୍ରାରେ ବିକ୍ରି କରିଥାନ୍ତି ଚୋରା ମଦ ମାଫିଆ ମାନେ ।ପାନ ଦୋକାନ ଠାରୁ ହୋଟେଲ ପର୍ଯ୍ୟନ୍ତ ଚୋରାରେ ଚାଲିଥାଏ ମଦ ବେପାର ।ଏହାର ସୁଯୋଗ ନେଇ ବାଲିଗୁଡା ଅଞ୍ଚଳରେ ନକଲି ମଦର ବନ୍ୟା ଦେଖିବାକୁ ମିଳିଛି ।କିଛି ସ୍ଥାନରେ ଲୋକ ଦେଖାଣିଆ ଅବକାରୀ ବିଭାଗ ଚଢାଉ କରି ବାହାବା ନେଉଥିବା ବେଳେ ବଡ ବଡ ମଦ ମାଫିଆଙ୍କ ସହିତ ହାତ ମିଶାଇ ମୋଟ ଅଙ୍କର ବଟି ନେଉଥିବା ଅଭିଯୋଗ ହୋଉଛି ।କିଛି ମଦୁଅ କହିବା ପ୍ରକାରେ ଆଗରୁ ମଦ ଭଲ ଲାଗୁଥିଲା ଏବେ ଡୁପ୍ଲିକେଟ ମଦ ପିଇବା ଦ୍ୱାରା ଗଳା ପୋଡାଜଳା ହେବା ସହିତ ମୁଣ୍ଡ ବୁଲାଉଛି ।ଯଦି ଏହି ନକଲି ମଦ ପିଇ କେହି ମୃତ ହୁଅନ୍ତି ତାହାହେଲେ ସେଥି ପାଇଁ ଦାୟୀ କିଏ ରହିବେ ବୋଲି ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜିବି ।ବାଲିଗୁଡା ଅବକାରୀ ବିଭାଗ ମଦ ମାଫିଆ ଠାରୁ ବଟି ଆଦାୟ ଓ ଗଞ୍ଜେଇ ବେପାରୀ ପଛରେ ପଡିଥିବା ବେଳେ ନକଲି ମଦ ବନ୍ୟାରେ ଭାସୁଛି ବାଲିଗୁଡା ଅଚଂଳ ।ଦେଖିବାକୁ ବାକି ରହିଲା ।ଏହି ନ୍ୟୁଜ ପ୍ରଶାରଣ ପରେ ବାଲିଗୁଡା ଅବକାରୀ ବିଭାଗ ଚେତୁଛି ନା ନାଭିରେ ତେଲ ମାରି ଶୋଉଛି ।ଏହା ଉପରେ ଉଚ୍ଚପଦସ୍ତ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଉଛି ।ତେବେ ଚିକିଟି ଅଞ୍ଚଳରେ ଯେଉଁଭଳି ନକଲି ମଦ ପିଇ ଲୋକଙ୍କ ମୃତ୍ୟୁ ଘଟିଲା ସେଭଳି ଘଟଣାର ବାଲିଗୁଡା ଠାରେ ପୁନରାବୃତ୍ତି ନ ଘଟିବ କିଏ କହିବ ଯରାଜ୍ୟ ମୋହନ ସରକାର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ଉପରେ ମୋହନ ସରକାରଙ୍କ ଛାଟ ବଜାଇବାକୁ ବିଭିନ୍ନ ସଂଗଠନ ଦାବୀ କରିଛନ୍ତୀ ।

ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ଆସିକା(ମହାଭାରତ): ଆସିକା ନିକଟ ପାଟଳି ଗୁଡା ଗ୍ରାମରେ ବିଲକୁ ଘାସ କାଟିବାକୁ ଯାଇଥିବା ବେଳେ ବିଲରେ ଏକ ବିଷଧର ସାପ କାମୁଡାରେ ମୃତ୍ୟୁ ବରଣ କରିଥିବା ଜଣା ଯାଇଛି । ଆଜି ଅପରାହ୍ନ ୩.୩୦ ସମୟରେ ପାଟଳିଗୁଡା ରାଧାକୃଷ୍ଣ ମନ୍ଦିର ସାହିର ସନ୍ତୋଷ କୁମାର ବେହେରା ବୟସ ୫୫ ନିଜ ଗ୍ରାମ ହନୁମାନ ମନ୍ଦିର ନିକଟ ବିଲକୁ ଘାସ କାଟିବାକୁ ଯାଇଥିବା ବେଳେ ବିଲ ହୁଡାରେ ଏକ ବିଷଧର ନାଗସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡି ଦେଲାୟ ସେ ଗୁରୁତର ଅବସ୍ଥାରେ ଘରକୁ ଆସି ପହଞ୍ଚିଲେ। ଏହି ଘଟଣା କହିବା ପରେ ପୁଅ ଗଗନ ବେହେରା ଓ ଅନ୍ୟମାନଙ୍କ ସାହାଯ୍ୟରେ ଆସିକା ସବଡିଭିଜନ୍ ହସ୍ପିଟାଲରକୁ ଚିକିତ୍ସା ପାଇଁ ଆଣିଲେ। କାର୍ଯ୍ୟରତ ଡାକ୍ତର ସନ୍ତୋଷକୁ ଦେଖି ମୃତ୍ୟୁ ଘୋଷଣା କଲେ। ଏହି ଘଟଣା ବିରୋଧରେ ମୃତ୍ୟୁ ସନ୍ତୋଷର ପୁଅ ଗଗନ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ଆସିକା ମେଡିକାଲରେ ହେବ। ସାପମରା ଘଟଣାରେ ଆସିକା ଅଞ୍ଚଳରେ ଅନେକ ଲୋକଙ୍କ ମୃତ୍ୟୁ ଉଦବେଗ ଜନୟମୃତ୍ୟୁ ସନ୍ତୋଷ ପରିବାର ଗରିବୟ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ପାଇଁ ଗ୍ରାମବାସୀ ଙ୍କ ପକ୍ଷରୁ ଦାବୀ ହେଉଛି।

ଜାତୀୟ ସ୍ତରରେ ପୁରସ୍କୃତ ହୋଇ ହିନ୍ଦୋଳ ପାଇଁ ଗର୍ବ ଆଣିଲେ ଦିପୁ

ହିନ୍ଦୋଳ(ମହାଭାରତ)ଜାତୀୟ ସ୍ତରରେ ଓଡିଆ ଚଳଚ୍ଚିତ୍ର ଦମନ ଶ୍ରେଷ୍ଠ ଓଡିଆ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଅଛି ।ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ଆୟୋଜିତ ୭୦ତମ ଚଳଚ୍ଚିତ୍ର ପୁରସ୍କାରେ ପ୍ରଦାନ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦମନ ଓଡ଼ିଆ ଚଳଚ୍ଚିତ୍ର ର ପ୍ରଯୋଜକ ଦୀପେନ୍ଦ୍ର ସାର୍ମଲ ଙ୍କୁ ପୁରସ୍କୃତ ହୋଇଛନ୍ତି । ପ୍ରଯୋଜକ ଦୀପେନ୍ଦ୍ର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଠୋକର ଗ୍ରାମର ଦିବାକର ସାମଲ ଙ୍କ ଏକ ମାତ୍ର ପୁତ୍ର ନିଜ କର୍ମମୟ ଜୀବନ ମଧ୍ୟରେ ଓଡିଆ ଫିଲ୍ମ ଜଗତରେ ପାଦ ଦେଇ ଦିପୁ ବେଶ୍ ଆନନ୍ଦିତ ବୋଲି ମତବ୍ୟକ୍ତ କରନ୍ତି । ଜାତୀୟ ସ୍ତରରେ ଦିପୁ ଙ୍କର ଏକ ବିରାଟ ସଫଳତା ନେଇ ହିନ୍ଦୋଳ ତଥା ସମଗ୍ର ହିନ୍ଦୋଳବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି । ରାଷ୍ଟ୍ରପତି ଙ୍କ ପାଖରୁ ପୁରସ୍କୃତ ହେବା ପରେ ଦିପୁ ନିଜ ଜନ୍ମ ମାଟି କୁ ଆସିଥିବାରୁ ହିନ୍ଦୋଳ ର ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଓକେସିଏଲ୍ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଖଜୁରିଆକଟା ଶାଖା ପରିଚାଳକ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ଓ ଠୋକର ଗ୍ରାମ ପଞ୍ଚାୟତ ସରପଞ୍ଚ ରୋଜିତା ମାଝୀ ଓ ତାଙ୍କ ପ୍ରତିନିଧି ବିଶେଶ୍ୱର ମାଝୀ ଓ ଗ୍ରାମବାସୀ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଉପଢୌକନ ଦେଇ ସ୍ୱାଗତ ଜଣାଇବା ସହ ତାଙ୍କର ଉଜ୍ଜ୍

ସାଗର କ୍ଲବ ପକ୍ଷରୁ ପାରାଦୀପରେ ୩୩ ତମ ରାବଣ ପୋଡି ଉତ୍ସବ ଅନୁଷ୍ଠିତ



ପାରାଦୀପ(ମହାଭାରତ): ପ୍ରତିବର୍ଷ ପରି ଦୁର୍ଗା ପୂଜା ବିଜୟାଦଶମୀ ଶନିବାର ଦିନ ସମୁଦ୍ର ବେଳାଭୂମି ବିଜୁ ମୈଦାନ ଠାରେ ସାଗର କ୍ଲବ ପକ୍ଷରୁ ରାବଣ ପୋଡି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରି ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ,ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର, ପିପିଏଲ ସାର କାରଖାନା ମୁଖ୍ୟ ପାଲାନିସାମୀ ଭେଲୁସାମୀ, ବିଜେପି ନେତା ଗୌତମ ନାୟକ, ପାରିଷଦ ସୁବ୍ରତ କୁମାର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ସାଗର କ୍ଲବ ର ସଭାପତି ସୁଧାକର ନାୟକ, ଉପସଭାପତି ସିଦ୍ଧାର୍ଥ ସାମନ୍ତରାୟ, ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ, ସହ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, କୋଷାଧକ୍ଷ ମଣ୍ଟୁ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ। ଏହି ଅବସରରେ ଆକର୍ଷଣୀୟ ସାଂସ୍କୃତିକ ଓ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା।

ଜରପଡା ବନାଞ୍ଚଳ ରେଞ୍ଜ ଅଫିସ ପକ୍ଷରୁ ମା ଜଙ୍ଗଲେଶ୍ୱରି ଙ୍କ ବାର୍ଷିକ ଉତ୍ସବ ପାଳନ

ଅନୁଗୋଳ,(ମହାଭାରତ):ଆରମ୍ଭ ହୋଇ ଯାଇଛି ଜଗତଜନନୀ ମା ଦୁର୍ଗା ଙ୍କ ଦଶହରା ପର୍ବ । ମା ଙ୍କ ଆଗମନରେ ଚଳଚଞ୍ଚଳ ହୋଇପଡିଛି ଗାଁ ଠୁ ସହର । ଏହି ଅବସରରେ ଗୁରୁବାର ଦିନ ଜରପଡା ବନାଞ୍ଚଳ ରେଞ୍ଜ ଅଫିସ ପକ୍ଷରୁ ମା ଜଙ୍ଗଲେଶ୍ୱରି ଙ୍କ ବାର୍ଷିକ ଉତ୍ସବ ପାଳନ ସହ ସହ ଭକ୍ତ ଙ୍କ ଉପସ୍ଥିତିରେ ମହା ଆଡମ୍ବର୍ ସହକାରେ ପାଳନ କରାଯାଇଛି । ମା ଜଙ୍ଗଲେଶ୍ୱରି ଙ୍କ ଏହି ପୂଜା ବହୁ ପୁରାତନ କାଳରୁ କରାଯାଇ ଆସୁଅଛି । ମା ଙ୍କ ପୂଜା କରିବା ଦ୍ୱାରା ବନକର୍ମଚାରି ଓ ଗ୍ରାମବାସୀ ମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରାଯାଇ ପାରୁଛି ବୋଲି ରେଞ୍ଜର ମାଧବାନନ୍ଦ ନାଏକ କହିଥିଲେ । ବୁଧବାର ଅପରାହ୍ନ ତିନି ଘଟିକା ସମୟରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଗୁରୁବାର ମା ଜଙ୍ଗଲେଶ୍ୱରି ଙ୍କ ନବମୀ ପୂଜା ଅନୁଷ୍ଠିତ ହୋଇଥିଲା । ନାମ ସଂକୀର୍ତ୍ତନ ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇଥିଲେ । ଜରପଡା ରେଞ୍ଜର ମାଧବାନନ୍ଦ ନାଏକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା ଜଙ୍ଗଲେଶ୍ୱରି ଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଥିଲା। ମା ଙ୍କ ପୂଜା ଅବସରରେ ଏସିଏଫ ବିଦ୍ୟା ସାଗର , ଛେଣ୍ଡିପଦା ରେଞ୍ଜର ଶୁଭ ସୁଚିଶ୍ମିତା ମହାପାତ୍ର, ବସନ୍ତ ଗଡ଼ନାୟକ , ଜରପଡା ବନା□ଳ ରେଞ୍ଜ ର ୫୧ ଟି ଗ୍ରାମ ର ବନସୁରକ୍ଷା ସମିତି ର ସମସ୍ତ ସଭାପତି , ସମ୍ପାଦକ ଓ ଏସଏଚଜି ଗ୍ରୁପ୍ ମହିଳା ମାନେ ଯୋଗଦେଇଥିଲେ ।ରେଞ୍ଜ ଅଫିସ ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

ନଦୀ ରେ ଭାସି ଯାଇ ବାଳକ ନିଖୋଜ

କରଞ୍ଜିଆ,(ମହାଭାରତ): ଠାକୁରମୁଣ୍ଡା ଥାନା ତାଳପଦା ଗ୍ରାମପଞ୍ଚାୟତ ତାଳପଦା ଗ୍ରାମ ନିକଟ ଦେଇ ଯାଇଥବା ସିମ ନଦୀ କୁ ସାଙ୍ଗ ମାନଙ୍କ ସହିତ ଗାଧୋଇ ବାକୁ ଯାଇଥିବା ଜଣେ ବାଳକ ପଥର ରେ ପାଦ ଖସି ଯିବାରୁ ପାଣି ସ୍ରୋତ ରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବାଳକ ଜଣକ ହେଉଛନ୍ତି ତାଳପଦା ଗ୍ରାମର ଶତ୍ରୁଘନ ପଲେଇ ଙ୍କ ୮ମ ଶ୍ରେଣୀ ରେ ପଢୁ ଥିବା ପୁଅ ରୁଦ୍ରନାରାୟଣ (୧୪) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ନିଖୋଜ ରୁଦ୍ରନାରାୟଣ ତାର ୮ ଜଣ ସାଙ୍ଗଙ୍କ ସହିତ ଦିନ ପ୍ରାୟ ୧୦ ଟା ବେଳେ ସିମ ନଦୀ କୁ ଗାଧୋଇବା କୁ ଯାଇଥିଲେ। ନଦୀ କୂଳରେ ଥିବା ପଥର ରେ ରୁଦ୍ରନାରାୟଣ ଛିଡା ହୋଇଥିବା ବେଳେ ଅସାବଧାନତା ବସତ ପାଦ ଖସି ଯାଇ ଥିଲା। ପାଦ ଖସି ଯିବାରୁ ନଦୀର ପ୍ରଖର ସ୍ରୋତ ରେ ସେ ଭାସି ଯାଇଥିଲେ। ସାଙ୍ଗ ଭାସି ଯିବାର ଦେଖି ଅନ୍ୟ ସାଙ୍ଗ ମାନେ ଆସି ପରିବାର ଓ ଗ୍ରାମବାସୀ ଙ୍କୁ କହିଥିଲେ। ପରେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ନଦୀ ଭିତରେ ଖୋଜା ଖୋଜି କରିଥିଲେ। ଅଗ୍ନିଶମ ବିଭାଗ ଦୀର୍ଘ ୭ ଘଣ୍ଟା ନଦୀ ଭିତରେ ଖୋଜି ଥିଲେ ମଧ୍ୟ ନିଖୋଜ ବାଳକ ର ସନ୍ଧାନ ପାଇ ପାରିନଥିଲେ। ଘଟଣାସ୍ଥଳ କୁ ଠାକୁରମୁଣ୍ଡା ବିଡ଼ିଓ ସପ୍ରେଶ୍ୱର ବେହେରା,ଠାକୁରମୁଣ୍ଡା ଥାନା ପୋଲିସ ଉପସ୍ଥିତ ଥିଲେ। ସଂନ୍ଧ୍ୟା ହୋଇ ଯିବାରୁ ଅଗ୍ନିଶମ ବିଭାଗ ର ନଦୀ ପାଣିରେ ଖୋଜିବା ଅସମ୍ଭବ ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ସକାଳେ ପୁଣି ସନ୍ଧାନ କାର୍ଯ୍ୟ ହେବ ବୋଲି ଜଣାପଡିଛି। ନଦୀରେ ବାଳକ ର ନିଖୋଜ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଛେଣ୍ଡିପଦାର ୱେଷ୍ଟ୍ ଓପନ କାଷ୍ଟ୍ କୋଇଲା ଖଣିକୁ ବିରୋଧ କରି ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଠାରେ ହେବାକୁ ଥିବା ପ୍ରସ୍ତାବିତ ଓପନ କାଷ୍ଟ୍ କୋଇଲା ଖଣି କୁ ଛେଣ୍ଡିପଦା ଅଞ୍ଚଳ ବାସୀ ଙ୍କ ତରଫରୁ ପ୍ରବଳ ବିରୋଧ କରାଯାଇଛି ।କିଛି ନିର୍ଦ୍ଦିଷ୍ଟ ସ୍ୱାର୍ଥ ପାଇଁ ଜଳ , ଜଙ୍ଗଲ ସହିତ ଏକ ସୁନ୍ଦର ପରିବେଶ କୁ ନଷ୍ଟ କରି ସେଥିରେ କୋଇଲା ଖଣି ଖୋଳିବାକୁ ଅଞ୍ଚଳବାସୀ ବିରୋଧ କରିବା ସହ ଆଞ୍ଚଳିକ ସୁରକ୍ଷା ମଞ୍ଚ , ଛେଣ୍ଡିପଦା ତରଫରୁ ଆଜି ଜିଲ୍ଲାପାଳ ଜରିଆରେ ମହାମହିମ ରାଷ୍ଟ୍ରପତି ଙ୍କୁ ଏହାକୁ ବନ୍ଦ କରିବା ସହିତ ପରିବେଶକୁ ରକ୍ଷା କରିବା ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ମଞ୍ଚ ତରଫରୁ କୁହାଯାଇଛି କି ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ଛେଣ୍ଡିପଦା , ମାଛକୁଟା, ମାଛକୁଟା ଜଙ୍ଗଲ, ପୋଡ଼ାପଡ଼ା, ପୋଡ଼ାପଡ଼ା ଜଙ୍ଗଲ ଓ ତେନ୍ତୁଲୋଇ , କୋଡ଼ାସାହି ଗ୍ରାମରେ ହେବାକୁ ଥିବା ୧୧୯୬ ହେକ୍ଟର୍ ଜଙ୍ଗଲ ଜମି ରେ ବୈତରଣୀ ୱେଷ୍ଟ୍ ଓପନ କାଷ୍ଟ୍ କୋଇଲା ଖଣି ଖୋଳି ସେଥିରୁ ବାର୍ଷିକ ୧୫ ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଗୁଜୁରାଟ୍ ମନେରାଲ୍ ଡ଼େଭଲପମେଣ୍ଟ୍ କର୍ପୋରେଶନ୍ ଲିମିଟେଡ୍ ନାମକ କମ୍ପାନୀ କୁ ପରିବେଶୀ। ମଞ୍ଜୁରୀ ମିଳିଛି ଯାହାକୁ ତୁରନ୍ତ ଉଚ୍ଛେଦ ପାଇଁ ସ୍ମାରକୀ ପତ୍ର ପ୍ରଦାନ କରାଯାଇଛି । ଆଞ୍ଚଳିକ ସୁରକ୍ଷା ମଞ୍ଚ ,ଛେଣ୍ଡିପଦା

ସହିତ ଯୋଡି ହୋଇ ପାଞ୍ଚଟି ପଞ୍ଚାୟତ ର ହଜାର ହଜାର ମହିଳା ଓ ପୁରୁଷ ଏକାଠି ହୋଇ କୁମଣ୍ଡ ଭଣ୍ଡୁଭର ଠାରୁ ଏକ ପଦ ଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ଥିଲା ।ସେଠାରେ ଖଣି ଦ୍ୱାରା କଣ ସବୁ ଅସୁବିଧା ହେବା ଓ ପରିବେଶକୁ କିଭଳି ଏହା ଦୁର୍ଦ୍ଦିନ କୁ ନେଇ ଯିବ ସେ ବିଷୟରେ ଆଲୋଚନା କରାଯିବା ସହିତ କମ୍ପାନୀ , ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛେଣ୍ଡିପଦାରେ ହୋଇଥିବା ପ୍ରସ୍ତାବିତ ପ୍ରକଳ୍ପର ପରିବେଶୀୟ ମଞ୍ଜୁରୀ ପରିପ୍ରେକ୍ଷୀରେ ଜନ ଶୁଣାଣି ଏକ ତରଫା ହୋଇଥିଲା ଏଥିରେ ପ୍ରଭାବିତ ହେଉଥିବା ଓ ପ୍ରଭାବିତ ହେବାକୁ ଯାଉଥିବା ପ୍ରଜା ମାନଙ୍କୁ ମଞ୍ଚ ଭିତରକୁ ପ୍ରବେଶ କରିବାକୁ ଏବଂ ବକ୍ତବ୍ୟ ଦେବାକୁ ସୁଯୋଗ ଦେଇନଥିଲେ ଉକ୍ତ ସଭାରେ ସ୍ଥାନୀୟ ବିଧାୟକ , ଜିଲ୍ଲାପରିଷଦ, ସରପ□ ଓ ସମିତି ସଭ୍ୟ ସମେତ ଅଳ୍ପ କିଛି ଲୋକଙ୍କ ବକ୍ତବ୍ୟକୁ ନେଇ ଶୀଘ୍ର ଜନ ଶୁଣାଣିକୁ ବନ୍ଦ କରିଦିଆଗଲା ବୋଲି ଅଭିଯୋଗ କରିବା ସହିତ ଗଣତନ୍ତ୍ର ଦେଶ ଭାରତରେ ଏହା ଗଣତନ୍ତ୍ର ପ୍ରତି ଘୋର ଅପମାନ୍ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି ।ସେହିପରି ଏହି ଖଣି ଦ୍ୱାରା ଛେଣ୍ଡିପଦା ର ଅନେକ ଅଞ୍ଚଳ କ୍ଷତି ସହିବ ଏଥି ସହିତ ଜିଲ୍ଲାରେ ଅନେକ କଳକାରଖାନା ଏବଂ ଖଣି ଖଦାନ ହୋଇ ଯାଇଥିବାରୁ ଏହା ଦେଶର ଏକ ଅତି ଉତ୍ତପ୍ତ ଅଞ୍ଚଳ ଭାବେ ଘୋଷିତ ହୋଇଅଛି ଏଠାରେ ବନ୍ୟଜନ୍ତୁ ମାନଙ୍କର ଯଥା ହାତୀ, ଭାଲୁ, ମାଙ୍କଡ଼ ମାନଙ୍କର ଯାତାୟତ ପଥ ଅଟେ ଏବଂ ଏହି ଛେଣ୍ଡିପଦା ଜଙ୍ଗଲ ମୌଜାରେ ଦୁଇଟି ଜଳ ପ୍ରକଳ୍ପ ଅଛି, ଯଥା କୁମ୍ଭିରାନାଳ ପ୍ରୋଜେକ୍ଟ ଓ ଗୁରୁଖା ନାଳ ପ୍ରୋଜେକ୍ଟ ଦ୍ୱାରା ଜଳ ସେଚନ ହେଉଥିବା ଅନେକ ଚାଷ ଜମି ବଞ୍ଚିତ ହେବ। ତେଣୁ ଏହାକୁ ଆଗାମୀ ଦିନରେ ଘୋର ବିରୋଧ କରାଯିବ ବୋଲି ସଭାପତି କହିଛନ୍ତି ।

ପାରାଦୀପ କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ

ପାରାଦୀପ(ମହାଭାରତ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା - ୨୦୨୪ ର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ପାରାଦୀପ ବନ୍ଦର ଅଫିସର୍ସ କ୍ଲବ ପରିସରରେ ସୋମବାର ଅପରାହ୍ନ ରେ ଆୟୋଜିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟି ର ଅଧ୍ୟକ୍ଷ ଜେ.ସୋନାଲ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ନଭେମ୍ବର ମାସ ୧୪ ରୁ ୨୦ ତାରିଖ ସାତଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା କଳିଙ୍ଗ ବାଲିଯାତ୍ରା କୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମିତ ରାଉତ, ପିଡି ଡିଆରଡିଏ ଆର.ଏନ.ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମହୋତ୍ସବର ସଫଳତା ସମ୍ପର୍କରେ ନିଜର ମତାମତ ଉପସ୍ଥାପନା କରି ଆସନ୍ତା ବାଲିଯାତ୍ରା କୁ ସରସ, ସୁନ୍ଦର ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ଉପରେ ଆଲୋଚନା କରିଥିଲେ । ଏଥିରେ ବାଲିଯାତ୍ରା କମିଟିର ବହୁ ସଦସ୍ୟ ଓ ସଦସ୍ୟା ଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ପାରାଦୀପ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସଉ କୁମାର ବେଉରା, ଏଏମଏନଏସ ଇଣ୍ଡିଆ ଅଧିକାରୀ ସୁରେଶା ଜି, ଏସି କମର୍ସିଆଲ କମ୍ପାନୀ ପାରାଦୀପ ଶାଖା ଅଧିକାରୀ ଏ.ସି. ସୁତାର,ପାରାଦୀପ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନ ଓ ପ୍ରତାପ ନାୟକ, ବିଜେପି ନେତା ଗୌତମ ନାୟକ, ବୁଦ୍ଧିଜୀବୀ ଭଗବାନ ସାହୁ, କୈଳାଶ ମହାରଣା, ମାୟାଧର ରାଉତ, ସବିତା ମହାପାତ୍ର ଙ୍କ ସମେତ ବହୁ ଶିକ୍ଷାନୁଷ୍ଠାନ ର ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।ଏହି ଆଲୋଚନା ରେ କମିଟି ର ସମ୍ପୃସାରଣ, ମୁଖ୍ୟ ଯାତାୟତ ରାସ୍ତା ମାନଙ୍କର ମରାମତି, ଟ୍ରାଫିକ ନିୟନ୍ତ୍ରଣ, ନୌଚାଳନା ଓ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା, ବିଜ୍ଞ ବକ୍ତା ମାନଙ୍କ ଦ୍ୱାରା ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ପ୍ରାରମ୍ଭରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଅତିଥି ପରିଚୟ ଓ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ପୋଲିସଙ୍କ ବୁଲେଟ ଧକ୍କାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ

ପାଟଣା:(ମହାଭାରତ) କେନ୍ଦୁଝର ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥ ପାଟଣା ବ୍ଲକ ବାଉଁଶୁଳି ନିକଟରେ ମଙ୍ଗଳବାର ଦିନ ବୁଲେଟ ଧକ୍କାରେ ଜଣେ ବସ ଯାତ୍ରୀର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ପାଟଣା ଥାନା ଅନ୍ତର୍ଗତ ଦୁବେଇ ପେଣ୍ଡ ଗ୍ରାମର ଜଗବନ୍ଧୁ ମହାରଣା ବାଉଁଶୁଳି ଛକ ନିକଟରେ ଏକ ବସରୁ ଓହ୍ଲାଇ ରାସ୍ତା କଡରେ ଛିଡ଼ା ହୋଇଥିବା ବେଳେ ତୁରୁମୁଙ୍ଗା ଥାନା କନଷ୍ଟେବଳ ବିଶ୍ୱରଞ୍ଜନ ଭଞ୍ଜଦେଓ ଓ ବଲାଣି ଥାନା କନଷ୍ଟେବଳ ପୁରୁଷୋତ୍ତମ ମହାନ୍ତ ଏକ ବୁଲେଟ ବାଇକି ରେ ତୁରୁମୁଙ୍ଗାରୁ କେନ୍ଦୁଝରକୁ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଯାତ୍ରୀ ଜଗବନ୍ଧୁ ଛିଡା ରାସ୍ତା କଡରେ ଛିଡା ହୋଇଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ସେଠାରୁ ଜଗବନ୍ଧୁ ଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ସେଠାରେ ଜଗବନ୍ଧୁ ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏବଂ ବଲାଣି ଥାନା କନେଷ୍ଟେବଳ ପୁରୁଷୋତ୍ତମ ମହାନ୍ତ ମଧ୍ୟ ଦୁର୍ଘଟଣାରେ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଦୁଇ କନଷ୍ଟେବଳ ମଦ୍ୟପାନ କରି ଗାଡ଼ି ଚଳାଇ ଦୁର୍ଘଟଣା ଥିଲେ। ଏବଂ ଦୁଇ କନଷ୍ଟେବଳଙ୍କୁ ମଧ୍ୟ ଲୋକ ଘେରିଥିଲେ। ଖବର ପାଇ ତୁରୁମୁଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଛି।

ବରିଷ୍ଠ ମୂରବୀ ବିଦ୍ୟାଧର ଭୋଳଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା

କଣ୍ଟାପଡ଼ା(ମହାଭାରତ): ବି ଏମ୍ ସି -୪ ନଂ ୱାର୍ଡ ଅଧୀନରେ ଥିବା ଗୋହଳ ଗ୍ରାମର ଧର୍ମପରାୟଣ ମୂରବୀ ସ୍ୱର୍ଗତ ବିଦ୍ୟାଧର ଭୋଳଙ୍କ ଏକାଦଶାହ ସ୍ମୃତି ଚାରଣ ସଭା ହୋଇଥିଲା। ଏହି ସ୍ମୃତି ଚାରଣ ସଭାକୁ 'ସହଯୋଗ ଓଡ଼ିଶା' ସଙ୍ଗଠନ ତରଫ ରୁ ଆୟୋଜନ କରାଯାଇଥିଲା। ଆୟୋଜିତ ଏହି ସ୍ମୃତି ଚାରଣ ସଭାକୁ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ସ୍ୱର୍ଗତ ବିଦ୍ୟାଧର ଭୋଳଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ପରେ ସ୍ମୃତି ଚାରଣ କରାଯାଇଥିଲା। ଏହି ସ୍ମୃତି ଚାରଣ ସଭାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଟଣୀ ର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଜଗନ୍ନାଥପୁର ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ଭୋଇ, କର୍ପୋରେଟର ସୁକୁମାର ସାହୁ, ବିଜେଡି ନେତା ମନ୍ମଥ ରାଉତରାୟ, ମୂରବୀ ସୁଧାକର ଯୁଧିଷ୍ଠିର ପରିଜା, ସୁରେନ୍ଦ୍ରନାଥ ଛୋଟରାୟ, ଅକ୍ଷୟ କୁମାର ଲେଙ୍କା,କଂଗ୍ରେସ ସଙ୍ଗଠନ ବେଣୁଧର ଭୋଇ, ବିପିନ ପାତ୍ର, କୃଷ୍ଣ ଚନ୍ଦ୍ର ସଗରିଆ, ଟ୍ୱିନ ସିଟି ପ୍ରେସ କ୍ଲବର ସଭାପତି ସାମ୍ବାଦିକ ସନାତନ ପରିଜା, ଅଧ୍ୟକ୍ଷ ଡ.ପ୍ରଣବ ବିଶ୍ୱାଳ, ସମ୍ପାଦକ ଡ.ଭବାନୀ ଶଙ୍କର ପାତ୍ର, ଉପ ସଭାପତି ଗୁରୁ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଲୋକେଶ ସାହୁ, ଯୁଗ୍ମ ସମ୍ପାଦକ ଗଦାଧର ଜେନା, କଟକ ସଦର ପ୍ରେସ କ୍ଲବର ସାମ୍ବାଦିକ ଲଳିତ କୁମାର ଦାଶ, ଅଜୟ କୁମାର ଦାଶ,ବ୍ରଜ କିଶୋର ବେହେରା ତଥା ଅଞ୍ଚଳର ମୂରବୀ ଓ ଉପସ୍ଥିତ ଥିବା ମାନ୍ୟଗଣ ବ୍ୟକ୍ତି ସ୍ୱର୍ଗତ ବିଦ୍ୟାଧର ଭୋଳଙ୍କ ସ୍ମୃତି ଚାରଣ ସହିତ ସ୍ୱର୍ଗତ ଭୋଳଙ୍କ ଫଟରେ ମାଲ୍ୟାର୍ପଣ କରିଥିଲେ। ମୂରବୀ ତଥା ସ୍ୱର୍ଗତ ବିଦ୍ୟାଧର ଭୋଳଙ୍କ ସାନଭାଇ ବଂଶଧର ଭୋଳ ଦିଲ୍ଲୀପ କୁମାର ଭୋଳ ଓ ଚିନ୍ମୟ କୁମାର ଭୋଳ ସମେତ ଏହି ସ୍ମୃତି ଚାରଣ ସଭାରେ ବହୁ ବନ୍ଧୁବାନ୍ଧବ ସଭାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଶହେ ଜଣ ଉଭାବକ ଛାତ୍ରଙ୍କ ମଧ୍ୟରେ ଯୋଡାର ଅନ୍ତ

ଲେବାନନ୍ ଉପରେ ଆଖିବୁଜା ଆକ୍ରମଣ ; ଏସ୍ରାଏଲର ଏୟାରଷ୍ଟ୍ରାଇକରେ ୨୨ ମୃତ

ନୂଆଦିଲ୍ଲୀ,୧୫।୧୦ : ଥମୁନି ଇସ୍ରାଏଲ-ଇରାନ ଯୁଦ୍ଧ । ଲେବାନନ ଉପରେ ଇସ୍ରାଏଲ ଘନଘନ ରକେଟ୍ ମାଡ଼ କରିଛି । ବେରୁଟର ଏକ ଜନବସତି କୋଠା ଉପରେ ରକେଟ ମାଡ଼ କରିବାରୁ ୨୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିବା ସୂଚନା ରହିଛି । ବିନା ସତର୍କ ସୂଚନା ଦେଇ ୨ଟି କୋଠା ଉପରେ ଏୟାରଷ୍ଟ୍ରାଇକ୍ କରିଛି । ହେଜବୋଲ୍ଲା ଆତଙ୍କବାଦୀ ଲୁଚିଥିବା ଆଶଙ୍କାରେ ଇସ୍ରାଏଲ ରକେଟ୍ ମାଡ଼ କରିଛି । ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗୁରୁବାର ରାତିରେ ଲେବାନାନର ରାଜଧାନୀ ଉପରେ ଇସ୍ରାଏଲର ଆକ୍ରମଣରେ ଅତି କମରେ ୨୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୭ ଜଣ ।ହତ ହୋଇଛନ୍ତି । ଏହି ଆକ୍ରମଣ ସହରର ଦକ୍ଷିଣ ଉପକଣ୍ଠରେ ହେଜବୋଲ୍ଲାର ଗଡ଼ଠାରୁ ବହୁ ଦୂରରେ କେନ୍ଦ୍ରୀୟ ବେରୁଟର କିଛି ଅଂଶକୁ ଟାର୍ଗେଟ କରିଛି । ସୂଚନା ଅନୁସାରେ ନିହତ ହିଜବୁଲ୍ଲା ଟପ କମାଣ୍ଡର ହସନ ନସରୁଲ୍ଲାର ଭିଣୋଇ ୱାକିଫ ସଫାକୁ ଟାର୍ଗେଟ କରି ଆଇଡିଏଫ ଆକ୍ରମଣ କରିଥିଲା କିନ୍ତୁ ଶେଷ ସମୟରେ ଚକମା ଦେଇ ଫେରାର ହୋଇଛି ସଫା ।

ଦିଦିଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏସନର ଚିଠି
ଡାକ୍ତର ଦାବିକୁ ତୁରନ୍ତ ବିଚାର କରିବାକୁ ଅପିଲ

ନୂଆଦିଲ୍ଲୀ,୧୫।୧୦ : ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏସନ ଚିଠି । ତୁରନ୍ତ ସମସ୍ୟା ସମାଧାନ କରିବାକୁ ଆଇଏମଏର ଅପିଲ କରିଛି । ନ୍ୟାୟ ଦାବିରେ ୫ଦିନ ଧରି ଡାକ୍ତର କରୁଛନ୍ତି ଆମରଣ ଅନଶନ । ଅନଶନ ଯୋଗୁଁ ଅନେକ ଡାକ୍ତର ଅସୁସ୍ଥ ହେଲେଣି । ତେଣୁ ତୁରନ୍ତ ସମାଧାନ କରିବାକୁ ମମତା ସରକାରଙ୍କୁ ଅପିଲ କରିଛି ଆଇଏମଏ । ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ବୁଝି ନ୍ୟାୟ ଦାବି । କୋଲକାତା ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅନଶନରେ ବସିଛନ୍ତି ଆରଜି କର ମେଡିକାଲ କଲେଜର ଜୁନିୟର ଡାକ୍ତର । ଅନଶନରେ ବସିଥିବା ଜଣେ ଡାକ୍ତରଙ୍କ ଦେହ ମଧ୍ୟ ରାତ୍ରିରେ ଖରାପ ହେବାରେ ତାଙ୍କୁ ରାତିରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଶନିବାର ସନ୍ଧ୍ୟାଠାରୁ ଆମରଣ ଅନସନରେ

ବସିଥିବା ଡାକ୍ତରମାନଙ୍କ ମଧ୍ୟରୁ ଅନିକେତ ମହାତୋ ହଠାତ୍ ଅସୁସ୍ଥ ହୋଇଯାଇଥିଲେ । ବରିଷ୍ଠ ଡାକ୍ତର ସୁଭର୍ନା ଗୋସ୍ୱାମୀ ମିଡିଆକୁ କହିଛନ୍ତି, ଅନିକେତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଯାଇଛି । ତାଙ୍କୁ ଆରଜି ଡାକ୍ତରଖାନା ନିଆଯାଇଥିଲା ଏବଂ ଆଇସିୟୁରେ ଭର୍ତ୍ତି କରାଯାଇଛି । ବିକ୍ଷୋଭ ସ୍ଥଳରେ ନିୟୋଜିତ ହୋଇଛନ୍ତି ୪ଜଣିଆ ଡାକ୍ତରୀ ଦଳ । ସେପେଟେ ଏହି ଘଟଣାକୁ ନେଇ ଆଏମଏ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜିଙ୍କୁ ଚିଠି ଲେଖି ଡାକ୍ତରଙ୍କ ଦାବି ଉପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଧ୍ୟାନ ଦିଅନ୍ତୁ ବୋଲି ଅପିଲ କରିଛି ଇଣ୍ଡିଆନ ମେଡିକାଲ ଆସୋସିଏସନ ।

ଜମ୍ମୁକାଶ୍ମୀରରେ ଏନସିକୁ ସମର୍ଥନ ଦେଲା ଆପ୍

ନୂଆଦିଲ୍ଲୀ,୧୫।୧୦ : ଜମ୍ମୁକାଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାସନାଲ କନଫରେନ୍ସ (ଏନସି) ଏବଂ କଂଗ୍ରେସ ମେଣ୍ଟ ବହୁମତ ହାସଲ କରିଥିବା ବେଳେ ସରକାର ଗଢ଼ିବାକୁ ଯାଉଛନ୍ତି । ଏନସି ୪୨ ଆସନରେ ବାଜିମାତ କରିଥିବା ବେଳେ କଂଗ୍ରେସକୁ ମିଳିଛି ୬ଟି ଆସନ୍ । ଏନସି-କଂଗ୍ରେସ ମିଳିତ ଭାବରେ ସରକାର ଗଠନ କରିବାକୁ ଥିବା ବେଳେ ଜମ୍ମୁକାଶ୍ମୀରରେ ମାତ୍ର ଗୋଟିଏ ଆସନ ଜିତିଥିବା ଆମ ଆଦମୀ ପାର୍ଟି (ଆପ୍) ଏନସିକୁ ସମର୍ଥନ ଦେବ ବୋଲି ଘୋଷଣା କରିଛି । ଡୋଡା ଆସନରୁ ବିଜୟୀ ହୋଇଥିବା ଆପର ଏକମାତ୍ର ବିଧାୟକ ମେହରାଜ ମଲିକ୍ ନିଜର ସମର୍ଥନ ପତ୍ର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ପଠାଇ ଦେଇଛନ୍ତି । ଏହା ପୂର୍ବରୁ ଗୁରୁବାର ଏନସିକୁ ୪ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ଦେବା ପରେ ଏକାକୀ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିଛି । ଏବେ ଆପର ସମର୍ଥନ କଂଗ୍ରେସକୁ ସାମାନ୍ୟ ବଳ ଦେବ ବୋଲି କୁହାଯାଉଛି । ଗତ ନିର୍ବାଚନରେ କଂଗ୍ରେସ ୧୨ଟି ଆସନ ଜିତିଥିବା ବେଳେ ଏବେ ମାତ୍ର ୬ ଆସନରେ ସନ୍ତୁଷ୍ଟ ରହିଛି ।ସେପଟେ ହରିୟାଣାରେ ବଡ଼ ପରାଜୟ ଭୋଗିଥିବା କଂଗ୍ରେସକୁ ଇଣ୍ଡି ମେଣ୍ଟରେ ବିଦ୍ରୋହର ସାମ୍ନା କରିବାକୁ ପଡ଼ିଛି । ହରିୟାଣା ନିର୍ବାଚନରେ ପୁଣି ଥରେ ଶାସନକୁ ଫେରିବା ନେଇ କଂଗ୍ରେସ ଏକ ପ୍ରକାର ନିଶ୍ଚିତ ଥିଲା । ଆଉ ଏଥିପାଇଁ ସେଠାରେ ଆପ୍ ସହ ମେଣ୍ଟ କରିବାକୁ ମନା କରିଦେଇଥିଲା ଦଳ । ଇଣ୍ଡି ମେଣ୍ଟର ଅନ୍ୟ ଦଳ ଏବେ କଂଗ୍ରେସର ପରାଜୟର କାରଣ ଖୋଜିବାରେ ଲାଗିପଡ଼ିଛନ୍ତି । ସେପଟେ ଇଣ୍ଡି ମେଣ୍ଟ ପରିବର୍ତ୍ତେ ଆପ୍ ଏନସିକୁ ସମର୍ଥନ ଦେବା ପରେ ଚର୍ଚ୍ଚା ଆହୁରି ବୃଦ୍ଧି ପାଇଛି । ଏହା ପୂର୍ବରୁ ଇଣ୍ଡି ମେଣ୍ଟର ଅନ୍ୟତମ ସହଯୋଗୀ ଦଳ ପଶ୍ଚିମବଙ୍ଗର ଟିଏମସି ମଧ୍ୟ କଂଗ୍ରେସକୁ ସାମଲୋଚନା କରିଥିଲା । ଆସନ ବୁଝାମଣା ନେଇ ଆଲୋଚନା ବେଳେ କଂଗ୍ରେସ 'ଅହଂ ଭାବ' ଦେଖାଉଛି ବୋଲି ଟିଏମସି ଅଭିଯୋଗ କରିଥିଲା । ସେହିଭଳି ଗତବର୍ଷ ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ପରାଜୟ ଲାଗି କଂଗ୍ରେସକୁ ସମାଲୋଚନା କରିଥିଲେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ।

ଗିତୀ ନାଟ୍ୟ ମହିଷା ମଦ୍ଧନୀ ପାଇଁ ପ୍ରସ୍ତୁତି

ବଲାଙ୍ଗିର,(ନି.ପ୍ର): ବଲାଙ୍ଗିର ଜଗନ୍ନାଥପଡା ସାରଦୀୟ ଦୁର୍ଗାପୂଜା ଅବସରରେ ସର୍ବ ପୁରାତନ ରାମଜୀ ନାଟକ ସଂସଦ ବଲାଙ୍ଗିର ର କଳାକାର କୁ ନେଇ ଗତ ୧୧ ତାରିଖ ଶୁକ୍ରବାର ଅଷ୍ଟମୀ ପୂଜା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗିତୀ ନାଟ୍ୟ ମହିଷା ମଦ୍ଧନୀ ଅନୁଷ୍ଠିତ ହେବ । ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ଙ୍କ ନିର୍ଦ୍ଦେଶନାରେ କଳାକାର ଚୟନ ହୋଇଥିବା ବେଳେ ଡା. ରୁଦ୍ର ନାରାୟଣ ପଟେଲ ମହିଷାସୁର ଭାବେ ଭୂମିକା ଏବଂ ମା' ଦୁର୍ଗାଙ୍କ ଭୂମିକା ରେ ମାନସ ସାହୁ ଏବଂ ବିଭିନ୍ନ ଭୂମିକାରେ ପଡାବାସୀଙ୍କ କଳାକାର ଙ୍କୁ ନେଇ ମାଉସୀ ମା' ମନ୍ଦିର ଦିର୍ଘ ଏକମାସ ହେଲାଣି ରିୟାଲସିଏଲ ଚାଲିଛି । ଦୁର୍ଗାପୂଜା କୁ ନେଇ ଦିର୍ଘ ୩୩ ବର୍ଷ ପୁର୍ତ୍ତି ଅବସରରେ ଜଗନ୍ନାଥପଡା ସବପୁରାତନ ଦୁର୍ଗାପୂଜା କମିଟ ଆୟୋଜନ କରିବ । ପୂର୍ବରୁ ରାମଲିଳା ଓ ଗୀତୀ ନାଟକ ସାବିତ୍ରୀ ସତ୍ୟବାନ ଅନୁଷ୍ଠିତ ହୋଇଥିଲା ଏହି ସଂସଦ ରୁ । କମିଟିର ସଭାପତି ବାସୁଦେବ ବେହେରା ସୂଚନା ପ୍ରଦାନ କରିଛନ୍ତି ।

ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଂଜନ ମଲ୍ଲିକଙ୍କ ୧୨ତମ ଶ୍ରାଦ୍ଧୋତ୍ସବ

ଧାମନଗର,(ନି.ପ୍ର): ଧାମନଗର ମାଟିର ମହାନ ଜନନେତା, ରାଜନୈତିକ ବ୍ୟକ୍ତିତ୍ୱ, ବିକାଶର ଅନ୍ୟତମ କର୍ଣ୍ଣଧାର ପ୍ରମୁଖ ବିଦ୍ଧାଣି ତଥା ଦୈନିକ ଖବର କାଗଜ 'ସକାଳ'ର ପୂର୍ବତନ ସମ୍ପାଦକ ତଥା ଧାମନଗର ଦୁଇ ଥର ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ୧୨ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସକାଳ ୭ଟାରେ ପ୍ରଭାତଫେରୀ,ସହ ଭକ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭାରେ କଟକ ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲଙ୍କ ସଂଚାଳନରେ ଏଥିରେ ଚାନ୍ଦବାଲି ବିଧାୟକ ବ୍ୟାମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ,ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ଯାଜପୁର ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ପୂର୍ବତନ ବିଧାୟକ ଧାମନଗର ମୁକ୍ତିକାନ୍ତ ମଣ୍ଡଳ,

ରାଜେନ୍ଦ୍ର କୁମାର ଦାସ,ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା,ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ,ଜିଲ୍ଲା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ବନୋଦ ନାୟକ, ଅସୁରାଳି ଜିଲ୍ଲା ପରିଷଦ ସାରଦା ପ୍ରସନ୍ନ ସାହୁ,ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି,ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଯୁବ ସଭାପତି ଭାରତ ବିଜୟ ଦଳାଇ,ନଗର ସଭାପତି ସୁଶାନ୍ତ କୁମାର ରାଉତ, ସେକ ଜଲାଲଉଦ୍ଦିନ ବନ୍ତ,ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତି ସଭ୍ୟା ଅଭିଲିପ୍ସା ରାଉତ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଦାସ, ରବୀନ୍ଦ୍ର କୁମାର ବେଉରଆ, କବି ଦୟାନିଧି ମିଶ୍ର,ସୁଶାନ୍ତ ନାୟକ, ପିରିସ୍ରାକେଶ, ଦୀପ୍ତି ରଂଜନ ବିଶ୍ୱାଳ, ଆଜୟ କୁମାର ବଳଙ୍କ ସମେତ ବୁଦ୍ଧିଜୀବୀ ଶିକ୍ଷା ବିତ୍ ଏବଂ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, କିଷାନ ରାଉତ,କୃଷ୍ଣ ଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ,ସନ୍ତୋଷ କୁମାର ଦାସ,ପ୍ରଶାନ୍ତ ଦ୍ୱିବେଦୀ,ପାର୍ଥସାରଥୀ ନାୟକଙ୍କ ସମେତ ବହୁ ସାମ୍ବାଦିକ ମାନେ ଯୋଗ ଦେଇଥିବା ବେଳେ ବିଜେଡି ନେତା ପ୍ରତାପ ସାମଲ,ଦାମୋଦର ମଲ୍ଲିକ,ମନଟୁ ସ୍ୱାଇଁ, ମନଟୁ ନାୟକ, ସୂର୍ଯ୍ୟକାନ୍ତ ନାୟକ, ମାନସ ବାରିକ, ବିଜୟ କୁମାର ଦାସ,ଶିତାକାନ୍ତ ମିଶ୍ର,ମାନସ ରଞ୍ଜନ ରାଉତ, କୁମାରେଶ ଖିଲାର,କେତେକ କାଉନସିଲର ଓ ମାନସ ବାବାଙ୍କୁ ଭଲ ପାଉଥିବା ବ୍ୟକ୍ତି ଓ ଅନ୍ୟାନ୍ୟ ତଥା ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି ବହୁ ନେତୃବୃନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦିବଂଗତ ଅମରଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମଲ୍ଲିକଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ପରେ ସାନ ଭାଇ ତଥା ଧୁଷୁରୀ ଜିଲ୍ଲା ପରଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ମଲ୍ଲିକଙ୍କ ସାନ ପୁଅ ତଥା 'ସକାଳ'ର ପ୍ରକାଶକ ଅମିତ କୁମାର ମଲ୍ଲିକ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରୁ ହଂସୁଆ ସେତୁ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଦାବୀପତ୍ର

ରାଜନଗର,(ନି.ପ୍ର): ରାଜନଗର ବ୍ଲକ ସଦର ମହକୁମାସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରୁ ହଂସୁଆ ସେତୁ ପର୍ଯ୍ୟନ୍ତ ସରକାରୀ ଜାଗାରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ରାଜନଗର ମୌଜା ରକ୍ଷିତ ଖାତା ନଂ-୪୫୨ରେ ଥିବା ପ୍ଲଟଗୁଡିକରେ ପ୍ରଭାବଶାଳୀ ବ୍ୟକ୍ତିମାନେ ଜୋରଜବରଦସ୍ତ ଅଟାଳିକା ନିର୍ମାଣ ସହ ଦୋକାନ କରିଛନ୍ତି । ଏପରିକି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରୁ ବଜାର ମୁଖ୍ୟରାସ୍ତାକୁ ଥିବା ପଥ ଅବରୋଧ କରାଯାଇଛି । ଏସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ସୁଲୋଚନ ଦାସ, ସୁବାଷ ସେଠୀ, ଦୀପକ ମଲିକ, ବିଶ୍ୱନାଥ ସେଠୀ, ଶ୍ରୀଧର ସେଠୀ, ନିତିଶକୁମାର ନାଥ, ସନ୍ତୋଷ ସାହୁ, ଦୀପୁ ମଲିକ, ଶ୍ରୀବସ୍ ମଲିକ ପ୍ରମୁଖ ଦାବୀ କରିଛନ୍ତି ।

ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ଦାବୀ

ରାଜନଗର,(ନି.ପ୍ର): ରାଜନଗର ବ୍ଲକ ସଦର ମହକୁମାସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ନିକଟ ହାଟପଟି ମଧ୍ୟରେ ଥିବା ଶୌଚାଳୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଏହାକୁ ସଂପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା ପାଇଁ ପଚାଂୟତର ମହିଳା, ୱାର୍ଡ ସଭ୍ୟ ସଭ୍ୟା, ଯୁବକମାନେ ବିଡିଓ ନିଶାନ ମିଶ୍ରଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବୀ ଅନୁଯାୟୀ ବ୍ଲକ ସଦର ସଦର ମହକୁମା ସହିତ ତହସିଲ, ବ୍ଲକ ସହ ଅନ୍ୟ ସରକାରୀ ଦପ୍ତର ରହିଛି । ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ପ୍ରତିଦିନ ଶହ ଶହ ସଂଖ୍ୟାରେ ଆସୁଥିଲେ ମଧ୍ୟ ଶୌଚାଳୟ ନଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨୦୨୧-୨୨ ବର୍ଷରେ ପଚଂଦଶ ଅର୍ଥ କମିଶନଙ୍କ ଅନୁଦାନରେ ଏହି ଶୌଚାଳୟ ନିର୍ମାଣ ହୋଇଛି । ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଜଗନ୍ନାଥ ବେହେରା, ମୁରଲି ମଲିକ, ସୁଶାନ୍ତ ମଲିକ, ବୁଦ୍ଧିରାମ ପ୍ରଧାନ, ମହେଶ୍ୱର ନାୟକ ପ୍ରମୁଖଙ୍କ ସହ ଶତାଧିକ ଲୋକେ ସାମିଲ ହୋଇଥିଲେ ।

କାଦମ୍ବିନୀର ଶାରଦୀୟ ବନ୍ଧୁ ମିଳନ

ଭୁବନେଶ୍ୱର,(ନି.ପ୍ର): ଲୋକପ୍ରିୟ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି କିସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟ, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରୁ ୫ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । 'କାଦମ୍ବିନୀ' ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଲେ, କାଦମ୍ବିନୀ ପ୍ରତିବର୍ଷ କବି ଓ ସାହିତ୍ୟିକଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କରିଥାଏ । ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ଉନ୍ନତି ଦିଗରେ 'କାଦମ୍ବିନୀ' ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ବୋଲି ସେ କହିଥିଲେ । ଆଜିର ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ, କବି ଓ ଗାଳ୍ପିକ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ, ବଶିଷ୍ଟ ବାଗ୍ମୀ, ସୁବକ୍ତା, ଧର୍ମଶାସ୍ତ୍ର ବିଶାରଦ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା କୃଷ୍ଣ କେଶବ ଷଡ଼ଙ୍ଗୀ, ପାଲା ଗାୟିକା ପ୍ରଜ୍ଞା ରାଉତ ଓ ଶିକ୍ଷାବିତ ଡ. ପ୍ରିତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଅଧ୍ୟାତ୍ମ୍ୟ ଉପରେ ବିଷଦ ଆଲୋଚନା କରିଥିଲେ । ସେଥି ସହ ଏହିସବୁ କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଭୂମିକା ରହିଥିବା ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ଶାରଦୀୟ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । ଏଥିରେ ପ୍ରଚ୍ଛଦପଟରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଳ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଡ. ଇତିରାଣୀ ସାମନ୍ତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ।

ଭାରତୀୟ ଆଇନଜୀବୀ ସଙ୍ଘର ଜିଲ୍ଲା କମିଟି ବୈଠକ; ନୂତନ କର୍ମକର୍ତ୍ତା ନିର୍ବାଚିତ

କେନ୍ଦ୍ରାପଡ଼ା,(ନି.ପ୍ର): ଭାରତୀୟ ଆଇନଜୀବୀ ସଙ୍ଘ, କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ମଙ୍ଗଳବାର ପବ୍ଲିକ ରିଡିଂରୁମ ପରିସରରେ ଜିଲ୍ଲାର ବରିଷ୍ଠ ଆଇନଜୀବୀ ପ୍ରେମାନନ୍ଦ ମାଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦେଶ ପାଇଁ ଶହୀଦ ହୋଇଥିବା ସୈନିକ, କୃଷକ ଓ ଆଇନଜୀବୀଙ୍କ ଉଦେଶ୍ୟରେ ଏକ ମିନିଟ ନୀରବ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ଆଇନଜୀବୀ ଧନଞ୍ଜୟ ଦାଶ ସଂଗଠନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଇନଜୀବୀ ରଞ୍ଜନ କୁମାର ସାମଲ ବିଗତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା ଓକିଲ ସଙ୍ଘର ଉପସଭାପତି ସୁଶ୍ରୀ ନାୟକ ସ୍ୱାଗତ ଭାଷଣ ଓ ଶୁଭେଚ୍ଛା ଅର୍ପଣ କରିଥିଲେ । ସଙ୍ଘର ରାଜ୍ୟ ସମ୍ପାଦକ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଡ. ପ୍ରଶାନ୍ତ ମିଶ୍ର ସଂଗଠନର ସୃଷ୍ଟି, ଓକିଲ ଏବଂ ଜନସାଧାରଣଙ୍କୁ ଆଇନ ସମ୍ପର୍କରେ ୧୯୮୩ମସିହାରୁ ସଚେତନ କରି ଆସୁଥିବା ସଂଗଠନର ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏ

ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

ବେଙ୍ଗାଲୁରୁ, ୧୫।୧୦ : ଆସନ୍ତକାଲି ଠାରୁ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୩ ଟିକିଆ। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ପ୍ରଥମ ମୁକାବିଲା ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ଏଥିପାଇଁ ଉଭୟ ଦଳ ବେଙ୍ଗାଲୁରୁରେ ଜୋରଦାର ଅଭ୍ୟାସ ମଧ୍ୟ କରୁଛନ୍ତି। ତେବେ ଆଜି ବର୍ଷା ହୋଇଥିବାରୁ ଖେଳାଳିମାନେ ଅଭ୍ୟାସ କରିପାରିନାହାଁନ୍ତି।

ବର୍ତ୍ତମାନ ଜବରଦସ୍ତ ଫର୍ମରେ ଅଛି ଟିମ୍ ଇଣ୍ଡିଆ। ନିକଟରେ ବାଂଲାଦେଶକୁ ଉଭୟ ଟେଷ୍ଟ ଏବଂ ଟି-୨୦ ସିରିଜ୍‌ରେ ମାତ୍ ଦେଇଛି। ବାକି ଏବେ ନ୍ୟୁଜିଲାଣ୍ଡର ପାଳି। ତେବେ ପ୍ରଥମ ମ୍ୟାଚ୍‌ର ପ୍ଲେଇଙ୍ଗ ଇଲେଭନ୍‌କୁ ନେଇ ଟିମ୍ ଇଣ୍ଡିଆରେ ଚାଲିଛି ମାନସମନ୍ଥନ। ବାଂଲାଦେଶ ବିରୋଧରେ ଖେଳିଥିବା ଟିମ୍ ହିଁ ସମାନ ରହିବା ବୋଲି ଆଶା କରାଯାଉଛି। ଯଦି ଯଶପ୍ରୀତ୍ ବୁମ୍‌ରା ଯଦି ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି ତେବେ ଆକାଶ ଦୀପ୍‌କୁ ବେଞ୍ଚରେ ବସିବାକୁ ପଡିବ। ଏହାବ୍ୟତୀତ ଦ୍ୱିତୀୟ ବୋଲର ଭାବେ ମହମ୍ମଦ ସିରାଜଙ୍କୁ ସାମିଲ ହୋଇପାରନ୍ତି। ବେଙ୍ଗାଲୁରୁରେ ଦୁଇ ପେସରଙ୍କୁ ନେଇ ପଡିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ବାକି ତିନି ଜଣ ସ୍ପିନରଙ୍କୁ ଟିମ୍‌ରେ ସାମିଲ ହୋଇପାରନ୍ତି। ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନୀ, ଅକ୍ଷର ପଟେଲ୍ କିମ୍ବା କୁଲଦୀପ ଯାଦବ

ସାମିଲ ହୋଇପାରନ୍ତି।

ସେହିପରି ନ୍ୟୁଜିଲାଣ୍ଡ ଦଳ ମଧ୍ୟ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଏହା ପୂର୍ବରୁ ଦଳ ଶ୍ରୀଲଙ୍କା ବିପକ୍ଷରେ ଶୋଚନୀୟ ଭାବେ ପରାସ୍ତ ହୋଇଛି। ଏନେଇ ଅଧିନାୟକ ଟିମ୍ ସାଉଦି ଏହି ପଦ ଛାଡିଛନ୍ତି। ଫଳରେ ଦଳର ଦାୟିତ୍ୱ ନେବେ ଟମ୍ ଲାଥାମ୍। ପ୍ରଥମ ଟେଷ୍ଟରେ ଅଭିଜ୍ଞ କେନ ୱିଲିୟମସନ୍ ଖେଳୁନାହାଁନ୍ତି। ତାଙ୍କ ସ୍ଥାନରେ ୱିଲ ୟଙ୍ଗ ଓପନିଂ କରିବେ ବୋଲି ଅଧିନାୟକ କହିଛନ୍ତି।

ଭାରତୀୟ ଟିମର ଷ୍ଟାର ବ୍ୟାଟର ଶୁବମନ ଗିଲ୍ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମିସ୍ କରିପାରନ୍ତି। ୨୫ ବର୍ଷୀୟ ଗିଲ୍ ସୋମବାର ଠାରୁ ବେକ ଓ କାନ୍ଧ ଯନ୍ତ୍ରଣା ଅନୁଭବ କରୁଥିବା ଟିମ ମ୍ୟାନେଜମେଣ୍ଟକୁ ଅବଗତ କରାଇଛନ୍ତି। ଏଥିଯୋଗୁ ସେ ଅଭ୍ୟାସ ମଧ୍ୟ କରିନାହାନ୍ତି। ତେବେ ଗିଲ ଚୂଡ଼ାନ୍ତ ଏକାଦଶରେ ରହିବେ କି ନାହିଁ, ତାର ନିଷ୍ପତ୍ତି ଆସନ୍ତାକାଲି ସକାଳେ ହିଁ ନିଆଯିବ ବୋଲି ଜଣାପଡ଼ିଛି। ଗିଲଙ୍କ ଅନୁପସ୍ଥିତି ସର୍ଫରାଜ ଖାନ କିମ୍ବା ଧ୍ରୁବ ଜୁରେଲଙ୍କ ପାଇଁ ସୁଯୋଗ ସୃଷ୍ଟି କରିପାରେ। ଗିଲ ଯଦି କାଲି ମ୍ୟାଚ୍ ଖେଳିବାକୁ ଫିଟ ନ ହେବେ, ତାହେଲେ ତାଙ୍କ ସ୍ଥାନରେ ସର୍ଫରାଜ ଖାନଙ୍କୁ ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

ଗିଲ୍ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ୩ନଂରେ ବ୍ୟାଟିଂ କରୁଛନ୍ତି। ନିକଟରେ ଶେଷ ହୋଇଥିବା ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ତାଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଥିଲା। ୨୦୨୦ ପରଠାରୁ ଦ୍ୱିତୀୟ ଇନିଂସରେ ସମସ୍ତ ଭାରତୀୟ ବ୍ୟାଟରଙ୍କ ତୁଳନାରେ ଗିଲ୍‌ଙ୍କ ବ୍ୟାଟିଂ ହାର ସବୁଠାରୁ ଅଧିକ।

ଅନ୍ୟପକ୍ଷରେ ସର୍ଫରାଜ ଖାନ ମୁମ୍ବାଇ ପାଇଁ ଇରାନୀ କପରେ ଡବଲ ଟନ ହାସଲ କରିଥିଲେ। ତେଣୁ ଗିଲଙ୍କ ସ୍ଥାନ ସେ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଦମଦାର ପ୍ରଦର୍ଶନ କରି ମଧ୍ୟ ସର୍ଫରାଜ ବାଂଲାଦେଶ ବିପକ୍ଷ ସିରିଜରେ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନଥିଲେ।

ଆହତ ସମସ୍ୟାରୁ କେଏଲ ରାହୁଲ ଫେରିବାରୁ ଟିମ ମ୍ୟାନେଜମେଣ୍ଟ ତାଙ୍କ ଉପରେ ଅଧିକ ଭରସା ଦେଖାଇଛି ସେ ବାଂଲାଦେଶ ବିପକ୍ଷ ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ପାଇଥିଲେ। ତେଣୁ ସର୍ଫରାଜଙ୍କୁ ବେଞ୍ଚରେ ବସିବାକୁ ପଡ଼ିଥିଲା।

ଯଦି ସର୍ଫରାଜ ଚୂଡ଼ନ୍ତ ଏକାଦଶରେ ସୁଯୋଗ ପାଆନ୍ତି, ତାହେଲେ ବ୍ୟାଟିଂ ଅର୍ଡର ପରିବର୍ତ୍ତନ କରିବାକୁ ପଡ଼ିବ ଗିଲଙ୍କ ବଦଳରେ ୩ନଂ ସ୍ଥାନରେ କିଏ ଖେଳିବେ, ତାହା ଏବେ ବଡ଼ ପ୍ରଶ୍ନ କାରଣ ସର୍ଫରାଜ ୫ନଂ କିମ୍ବା ୪ନଂରେ ବ୍ୟାଟିଂ କରନ୍ତି। ୪ନଂରେ ବିରାଟ କୋହଲି ଥିବା ବେଳେ ୫ନଂରେ ଋଷଭ ପନ୍ତ ଓ ୬ନଂରେ କେଏଲ ରାହୁଲ ବ୍ୟାଟିଂ କରୁଛନ୍ତି। ତେଣୁ ଏହି ବ୍ୟାଟରଙ୍କ ମଧ୍ୟରୁ ଜଣଙ୍କୁ ୩ନଂରେ ଖେଳିବାକୁ ପଡ଼ିବ। ସର୍ଫରାଜ ୫ କିମ୍ବା ୬ନଂରେ ବ୍ୟାଟିଂ କରିପାରିବେ।

ବଲାଙ୍ଗୀର ମାଟିର ପୁଅ ଦିବ୍ୟମ୍ ବ୍ୟାଡମିଣ୍ଟନରେ ଓଡିଶା ଚମ୍ପିୟନ

ବଲାଙ୍ଗୀର, ୧୫।୧୦: କ୍ରୀଡା କ୍ଷେତ୍ର ଏବେ ଆଉ କାହାରି ଏକଚାଟିଆ ଅଧିକାରରେ ନାହିଁ। ବଡ ସହରରୁ ଦୂରରେ ସାଧାରଣ ଅଞ୍ଚଳ ର ପିଲା ବି ଏବେ ଖେଳରେ ମାତ ଦେଲେଣି ।ବଡ ବଡ ସହରର ଖେଳାଳୀଙ୍କୁ ନିକଟରେ ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ବଲାଙ୍ଗିର ମାଟିର ପୁଅ ଦିବ୍ୟମ୍ କେଜ୍ରିୱାଲ କମାଲ କରିବା ସହ ଉଭୟ ସିଙ୍ଗଲ ଓ ଡବଲ୍‌ସରେ ଚାମ୍ପିୟନ୍ ହୋଇ ଆଣିଛନ୍ତି। ଏପରି ଗୌରବ ଦିବ୍ୟମ୍ ବଲାଙ୍ଗିର କଂସାରୀପଡ଼ା ନିବାସୀ ଆଦିତ୍ୟ କେଜ୍ରିୱାଲ ଓ ଶ୍ରୀମତୀ ଶୀତଳ କେଜ୍ରିୱାଲଙ୍କ ବଡ଼ ପୁଅ ହୋଇଥିବା ବେଳେ ତାଙ୍କ ସଫଳତାକୁ ନେଇ ସାରା ବଲାଙ୍ଗିର ମାଟି ଏବେ ଗର୍ବିତ। ଭୁବନେଶ୍ୱର ସ୍ଥିତ ମଲ୍‌ଟି ପର୍‌ପସ ବ୍ୟାଡ଼ମିଣ୍ଟନ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ଦିବ୍ୟମ୍ ୧୯ ବର୍ଷ ରୁ କମ ବର୍ଗର ସିଙ୍ଗଲ୍‌ସରେ ବାଲେଶ୍ୱରର ଜ୍ୟୋତିସୂର୍ଯ୍ୟ ପରମାଣିକ୍‌କୁ ହରାଇ ବିଜୟୀ ହୋଇଥିବା ବେଳେ ୧୯ ବର୍ଷ

ରୁ କମ ବର୍ଗର ଡ଼ବଲସ୍‌ରେ ପାର୍ଟନର୍ ବାପୁନ ରାଉତଙ୍କ ସହ ମିଶି ମୟୂରଭଞ୍ଜର ଶ୍ରୀୟାନ୍ସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ୍ ମଲ୍ଲିକଙ୍କୁ ହରାଇ ଦିବ୍ୟମ୍ ଓ ବାପୁନ ଚାମ୍ପିୟନ ହୋଇଛନ୍ତି। ଦିବ୍ୟମ୍‌ଙ୍କ ଏହି ସଫଳଙ୍କୁ ନେଇ ତାଙ୍କ ଶୁଭେଚ୍ଛୁମାନେ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି।

ବିଦା ହେଲେ ବାଂଲାଦେଶର ମୁଖ୍ୟ କୋଚ୍

ଚନ୍ଦିକା ହେଉଛନ୍ତି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ତାଙ୍କ କୋଚିଂ ଅଧୀନରେ ନିକଟରେ ବାଂଲାଦେଶ ଟିମ ଭାରତ ଗସ୍ତରେ ଆସି ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା।

ଢାକା, ୧୫।୧୦: ବାଂଲାଦେଶ ଜାତୀୟ ଟିମର ମୁଖ୍ୟ କୋଚ୍ ଚନ୍ଦିକା ହଥୁରୁସିଙ୍ଘାଙ୍କୁ ଆଜି ଦେଶର କ୍ରିକେଟ ବୋର୍ଡ ନିଲମ୍ବିତ କରିଛି। ଗତବର୍ଷ ଭାରତରେ ଅନୁଷ୍ଠିତ ବିଶ୍ୱକପ ବେଳେ ସେ ଜଣେ ବାଂଲାଦେଶ ଖେଳାଳିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା ।ଏହାର ତଦନ୍ତ କରି ଆଜି ବାଂଲାଦେଶ କ୍ରିକେଟ ବୋର୍ଡ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଚନ୍ଦିକା ହେଉଛନ୍ତି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର। ତାଙ୍କ କୋଚିଂ ଅଧୀନରେ ନିକଟରେ ବାଂଲାଦେଶ ଟିମ ଭାରତ ଗସ୍ତରେ ଆସି ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ଏହି ଗସ୍ତ ଶେଷ ହେବା ପରେ ବାଂଲାଦେଶ କ୍ରିକେଟ ବୋର୍ଡ ଚନ୍ଦିକାଙ୍କୁ ନିଲମ୍ବିତ କରିଛି। ନିୟମ ଅନୁସାରେ ତାଙ୍କ ଚୁକ୍ତି ବାତିଲ ହେବ ଓ ସେ ବିଦା ହେବେ। ତାଙ୍କ ସ୍ଥାନରେ ୱେଷ୍ଟଇଣ୍ଡିଜର ପୂର୍ବତନ ଖେଳାଳି ଫିଲ୍ ସିମନସ ବାଂଲାଦେଶର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ନେବେ। କ୍ରିକଇନଫୋର ରିପୋର୍ଟ ଅନୁସାରେ, ସିମନସ ୱେଷ୍ଟଇଣ୍ଡିଜ ପାଇଁ ଏକଦା ଓପନ କରୁଥିଲେ। ସେ ଅଲରାଉଣ୍ଡର ଭାବେ ପରିଚିତ। ସେ ବାଂଲାଦେଶ ଟିମ ଦାୟିତ୍ୱରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଶେଷ ଯାଏ ରହିବେ। ବାଂଲାଦେଶ ମୁଖ୍ୟ କୋଚ୍ ଚନ୍ଦିକା ଗତବର୍ଷ ଦିନିକିଆ ବିଶ୍ୱକପ ବେଳେ ଜଣେ ଖେଳାଳିଙ୍କୁ ଚାପୁଡ଼ା ମାରିଥିଲେ। ଏହାର ତଦନ୍ତ ଚାଲିଥିବା ବେଳେ ସେ ଚୁକ୍ତି ଅନୁସାରେ ବାଂଲାଦେଶ ଟିମ ଦାୟିତ୍ୱ ରହିଥିଲେ। ଏବେ ତାଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ୪୮ ଘଣ୍ଟା ମଧ୍ୟରେ ତାଙ୍କ ଚୁକ୍ତି ରଦ୍ଦ ହେବ ଓ ସେ ବହିଷ୍କାର ହେବେ। ୫୬ ବର୍ଷୀୟ ଚନ୍ଦିକାଙ୍କ କାର୍ଯ୍ୟକାଳ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପରେ ଶେଷ ହେବାର ଥିଲା ହେଲେ ଏହାପୂର୍ବରୁ ସେ ବିଦା ହୋଇଛନ୍ତି। ଏହାର ଅର୍ଥ ଦକ୍ଷିଣ ଆଫ୍ରିକା ବିପକ୍ଷ ବାଂଲାଦେଶର ଘରୋଇ ଟେଷ୍ଟ ସିରିଜରେ ଦଳର ଦାୟିତ୍ୱରେ ରହିବେ ନାହିଁ।

ଇମର୍ଜିଂ ଏସିଆ କପ୍

୧୯ରେ ଭାରତ-ପାକିସ୍ତାନ ମୁକାବିଲା

କୋଲକତା, ୧୫।୧୦(ଏଜେନ୍ସି): ଇମର୍ଜିଙ୍ଗ୍ ଏସିଆ। କପ୍ ୨୦୨୪ ପାଇଁ ଭାରତୀୟ କ୍ରିକେଟ୍ ବୋର୍ଡ ଇଣ୍ଡିଆ। ଏ ଟିମ୍ ଘୋଷଣା କରିଛି ଏସିଆ। କପ୍ ପାଇଁ ତିଲକ ବର୍ମାଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆ।ଯାଇଛି।ତାଙ୍କ ବ୍ୟତୀତ ଅନେକ ଯୁବ ଖେଳାଳିଙ୍କୁ ଦଳରେ ସୁଯୋଗ ଦିଆ।ଯାଇଛି। ଏଥର ଏସୀୟ କ୍ରିକେଟ୍ ପରିଷଦ ଓମାନରେ ଟୁର୍ନାମେଣ୍ଟ ଆୟୋଜନ କରୁଛି।ଅକ୍ଟୋବର ୧୯ରୁ ଭାରତୀୟ ଦଳ ଏହାର ଅଭିଯାନ ଆରମ୍ଭ କରୁଥିବା ବେଳେ ଟୁର୍ଣ୍ଣାମେଣ୍ଟ ୧୮ ଅକ୍ଟୋବରରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ପୁଣିଥରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହା ମୁକାବିଲା ଦେଖିବାକୁ ମିଳିବ।

ଭାରତ ଇମର୍ଜିଙ୍ଗ୍ ଏସିଆ। କପ୍ ୨୦୨୪ରେ ପାକିସ୍ତାନ ବିପକ୍ଷରେ ପ୍ରଥମ ମ୍ୟାଚ୍ ୧୯ ଅକ୍ଟୋବରରେ ହେବାକୁ ଯାଉଛି। ଏହା ଓମାନର ମସ୍କାଟର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ଅକ୍ଟୋବର ୨୧ରେ ଭାରତୀୟ ଦଳ ୟୁଏଇ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଲିଗ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ଆୟୋଜକ ଦେଶ ଓମାନ ସହିତ ଖେଳାଯିବ।ଏହି ସମସ୍ତ ମ୍ୟାଚ୍ ଓମାନ କ୍ରିକେଟ୍ ଏକାଡେମୀରେ ଖେଳାଯିବ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅକ୍ଟୋବର ୨୫ରେ ଖେଳାଯିବ, ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମଧ୍ୟ ଅକ୍ଟୋବର ୨୫ରେ ଖେଳାଯିବ। ଫାଇନାଲ ମ୍ୟାଚ୍ ୨୭ ଅକ୍ଟୋବର ରବିବାର ଦିନ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ଆଫଗାନିସ୍ତାନର ଦଳ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ଇମର୍ଜିଙ୍ଗ୍ ଏସିଆ। କପ୍ ୨୦୨୪ ପାଇଁ, ସେହି ଖେଳାଳୀମାନଙ୍କୁ ଏକ ସୁଯୋଗ ଦିଆ।ଯାଇଛି।ଯେଉଁମାନେ ଆଇପିଏଲ ୨୦୨୪ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଅଭିଷେକ ଶର୍ମାଙ୍କ ବ୍ୟତୀତ ବୋର୍ଡ ଆୟୁଷ ବାଦୋନି ଏବଂ ପ୍ରଭାସୀମ୍ରନଙ୍କ ଭଳି ଖେଳାଳିଙ୍କୁ ସୁଯୋଗ ଦେଇଛି। ଭାରତୀୟ ଦଳରେ ତିଲକ ବର୍ମା (ଅଧିନାୟକ), ଅଭିଷେକ ଶର୍ମା, ପ୍ରଭାସୀମ୍ରନ ସିଂ, ଆୟୁଷ ବାଦୋନି, ନିଶାନ୍ତ ସିନ୍ଧୁ, ରାମଣଦୀପ ସିଂ, ଅନୁଜ ରାତ, ନେହଲ ୱାଡେରା, ଅନସୁଲ କାମ୍ବୋଜ, ହ୍ରିତିକ ଶେକିନ, ବେଭବ ଅରୋରା, ରସିଖ ସଲାମ, ସାଇ କିଶୋର, ରାହୁଲ ଚହର ଏବଂ ଆକିବ ଖାନଙ୍କୁ ସାମିଲ କରାଯାଇଛି।

ହକି ଇଣ୍ଡିଆ ଲିଗ୍ ନିଲାମି

ହର୍ମନପ୍ରୀତ୍ ସବୁଠୁ ଦାମୀ

ଭୁବନେଶ୍ୱର ୧୫।୧୦(ଏଜେନ୍ସି): ନୂଆ ଦିଲ୍ଲୀରେ ଅନୁଷ୍ଠିତ ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମରେ ଭାରତୀୟ ଦଳର ଅଧିନାୟକ ହର୍ମନପ୍ରୀତ ସିଂହ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ତାଙ୍କୁ ସୁରମା ହକି କ୍ଲବ୍ ୭୮ ଲକ୍ଷ ଟଙ୍କାରେ କିଣି ସମସ୍ତଙ୍କୁ ଚକିତ କରି ଦେଇଛି। ସେହିଭଳି ଯୁବ ତାରକା ଅଭିଷେକଙ୍କୁ ଦ୍ୱିତୀୟ ଦାମୀ ଖେଳାଳି ଭାବେ ବେଙ୍ଗଲ ଟାଇଗର୍ସ ୭୨ ଲକ୍ଷ ଟଙ୍କାରେ କିଣିଛି। ଅନ୍ୟମାନଙ୍କ ମଧ୍ୟରେ ହାର୍ଦିକ ସିଂହଙ୍କୁ ୟୁପି ରୁଦ୍ରସ୍ ୭୦ ଲକ୍ଷ, ଯୁଗରାଜ ସିଂହଙ୍କୁ ବେଙ୍ଗଲ ଟାଇଗର୍ସ ୪୮ ଲକ୍ଷ ଏବଂ ଅରାଇଜିତ ସିଂହ ହୁଣ୍ଡାଲ ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ମନପ୍ରୀତ ସିଂହଙ୍କୁ ଟିମ୍ ଗୋନାସିକା ୪୨ ଲକ୍ଷ ଟଙ୍କା ଲେଖାଏଁରେ କିଣି ନେଇଛି। ଏହି ଦଳ ମଧ୍ୟ ଭାରତୀୟ କନିଷ୍ଠ ହକି ଦଳର ଅଧିନାୟକ ଅମୀର ଅଲୀଙ୍କୁ ନେବାକୁ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି।

ଅନ୍ୟପକ୍ଷରେ ଘରୋଇ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ଓଡ଼ିଆ ତାରକା ଅମିତ ରୋହିଦାସଙ୍କୁ ସର୍ବାଧିକ ୪୮ ଲକ୍ଷ ଟଙ୍କାରେ ନେଇଛି ତାମିଲନାଡୁ ଡ୍ରାଗନ୍ସ। ଭେଟେରାନ୍ ଓଡ଼ିଆ ତାରକା ତଥା ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରାଙ୍କୁ ଟିମ୍ ଗୋନାସିକା କିନ୍ତୁ ମାତ୍ର ୧୦ ଲକ୍ଷ ଟଙ୍କାରେ କିଣିଛି। ଓଡ଼ିଶା ଦଳ କଳିଙ୍ଗ ଲାନସର୍ସ ଦିଲପ୍ରୀତ ସିଂହଙ୍କୁ ୩୪ ଲକ୍ଷ, ଗୋଲ୍ ରକ୍ଷକ କ୍ରିଶନ ବାହାଦୂର ପାଠକଙ୍କୁ ୩୨ ଲକ୍ଷ ଏବଂ ବବି ସିଂହ ଧାମିଙ୍କୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜ ଦଳରେ ସାମିଲ କରିଛି। କଳିଙ୍ଗ ଲାନସର୍ସ ତାର ସବୁଠୁ ଦାମୀ ଖେଳାଳି ଭାବେ ଭାରତୀୟ ରକ୍ଷଣଭାଗ ଖେଳାଳି ସଂଜୟ ଏବଂ ନେଦରଲାଣ୍ଡର ଥିଏରି ବ୍ରିଙ୍କମ୍ୟାନଙ୍କୁ ୩୮ ଲକ୍ଷ ଟଙ୍କାରେ କ୍ରୟ କରିଛି।

ବିଦେଶୀ ଖେଳାଳିଙ୍କ ମଧ୍ୟରେ ଜର୍ମାନୀର ଗୋଞ୍ଜାଲୋ ପିଲେଟ୍‌ଙ୍କୁ ସର୍ବାଧିକ ୬୮ ଲକ୍ଷ ଟଙ୍କାରେ ହାଇଦ୍ରାବାଦ ତୁଫାନ୍ସ ଦଳ କିଣିଛି। ଅନ୍ୟତମ ଦାମୀ ବିଦେଶୀ ଖେଳାଳି ଭାବେ ନେଦରଲାଣ୍ଡର ଜିପ ଜାନେସନ୍ ୫୪ ଲକ୍ଷ ଟଙ୍କାରେ ତାମିଲନାଡୁଡ୍ରାଗନ୍ସକୁ ବିକ୍ରି ହୋଇଛନ୍ତି। ବେଲଜିୟମ୍‌ର ଭିକ୍ଟର ଗେନେଜ୍‌ଙ୍କୁ ସୁରମା ହକି କ୍ଲବ୍ ୪୦ ଲକ୍ଷରେ କିଣିଛି। ଦୁଇ ଦିନିଆ। ନିଲାମର ପ୍ରଥମ ଦିନରେ

ପିଲେଟ୍ ଦାମୀ ବିଦେଶୀ, ଅମିତ ୪୮ ଲକ୍ଷ

ଗୋନାସିକାରୁ ଖେଳିବେ ବୀରେନ୍ଦ୍ର, ମନପ୍ରୀତ

୫୪ଜଣ ଖେଳାଳି କିଣାବିକା ହୋଇଥିଲେ ଦ୍ୱିତୀୟ ଦିନରେ ପାଖାପାଖି ୧୪୦ ଖେଳାଳିଙ୍କୁ ବିଭିନ୍ନ ଦଳ କିଣିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ନୀଲମ ସଞ୍ଜୀପ ଖେସ୍ ୧୭ ଲକ୍ଷ (ଟିମ୍ ଗୋନାସିକା), ଶିଲ୍ପାନ୍ଦ ଲାକ୍ରା ୨୧ ଲକ୍ଷ (ହାଇଦ୍ରାବାଦ ତୁଫାନ୍ସ), ଅନମୋଲ ଏକ୍କା ୯.୨ ଲକ୍ଷ (ଟିମ୍ ଗୋନାସିକା), ଦୀପସାନ ତିର୍କି ୬.୬ ଲକ୍ଷ (ଟିମ୍ ଗୋନାସିକା), ଅମନଦୀପ ଲାକ୍ରା ୯ ଲକ୍ଷ (ତାମିଲନାଡୁ ଡ୍ରାଗନ୍ସ), ଆନନ୍ଦ ଲାକ୍ରା ୫ ଲକ୍ଷ (ତାମିଲନାଡୁଡ୍ରାଗନ୍ସ), ମୁକେଶ ଟପ୍ପୋ ୫ ଲକ୍ଷ (କଳିଙ୍ଗ ଲାନସର୍ସ), ରୋଶନ ମିଞ୍ଜ ୨ ଲକ୍ଷ (କଳିଙ୍ଗ ଲାନର୍ସ), ସାହିଲ କୁମାର ନାୟକ ୨ ଲକ୍ଷ (କଳିଙ୍ଗ ଲାନସର୍ସ) ଟଙ୍କାରେ ବିକ୍ରି ହୋଇଥିଲେ। ତେବେ ସୁମନ ବେକ୍‌ଙ୍କ ଭଳି ଖେଳାଳି ବିକ୍ରି ନହେବା ଓଡ଼ିଆ। ହକିପ୍ରେମୀଙ୍କୁ ନିରାଶ କରିଥିଲା।

ବିରାଟଙ୍କୁ ଆହ୍ୱାନ ଦେଲେ ଷ୍ଟାର୍କ

ମେଲବୋର୍ଣ୍ଣ, ୧୫।୧୦(ଏଜେନ୍ସି): ଆସନ୍ତା ନଭେମ୍ବର ୨୨ରୁ ଭାରତ ଓ ଅଷ୍ଟ୍ରେଲିଆ। ମଧ୍ୟରେ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ଆରମ୍ଭ ହେବ ଭାରତୀୟ ଟିମ ଏଥିପାଇଁ ଅଷ୍ଟ୍ରେଲିଆ। ଗସ୍ତ କରିବ। ଏହି ବର୍ଡର-ଗାଭାସ୍କର ଟ୍ରଫିରେ ରନ ମେସିନ ବିରାଟ କୋହଲି ଓ ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଲଢ଼େଇକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।ବିରାଟ ଓ ଷ୍ଟାର୍କ ୧୯ଟି ଇନିଂସରେ ମୁହାଁମୁହିଁ ହୋଇଛନ୍ତି ଓ ଟେଷ୍ଟ ଫର୍ମାଟରେ ଭାରତର କିଙ୍ଗ ସବୁବେଳେ ବାମହାତୀ ଦ୍ରୁତ ବୋଲରଙ୍କ ବିରୋଧରେ ନିଜର ଦବଦବା ଦେଖାଇଛନ୍ତି। ଯଦିଓ ହେଡ ଟୁ ହେଡରେ ବିରାଟଙ୍କ ପଲା ଭାରି ରହିଛି, ତଥାପି ଷ୍ଟାର୍କ ସିରିଜ ପୂର୍ବରୁ ବଡ଼ କଥା କହିଛନ୍ତି।ବିରାଟଙ୍କ ସହ ମୈଦାନରେ ହେଉଥିବା ଲଢ଼େଇକୁ ସେ ଉପଭୋଗ କରନ୍ତି ବୋଲି ଷ୍ଟାର୍କ ମତ ରଖିଛନ୍ତି।

ସେ କହିଛନ୍ତି, ବିରାଟ କୋହଲିଙ୍କ ସହ ମୋ ଲଢ଼େଇକୁ ମୁଁ ଉପଭୋଗ କରେ। ଏହାର କାରଣ ହେଲା ଆମେ ଦୁଇ ଜଣ ପରସ୍ପର ବ